

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୭ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 17 October 2026

Vol.No. 36 ■ No.273 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ଆସୁଛି

ପୂଜାସଂଖ୍ୟା ସାଗରିକା





# ଡିଲିମିଟେସନ୍ ଓ ମହିଳା ସଂରକ୍ଷଣ ବିଲ୍‌କୁ ନେଇ ବଡ଼ ପ୍ରସ୍ତୁତି: ସଂସଦର ସ୍ୱତନ୍ତ୍ର ଅଧିବେଶନ ଯୋଜନା



ନୂଆଦିଲ୍ଲୀ,୧୬/୧୦ : ସୀମା ପୁନଃନିର୍ଦ୍ଧାରଣ ବା ଡିଲିମିଟେସନ ଏବଂ ମହିଳା ସଂରକ୍ଷଣ ବିଲ୍ ପାସ୍ କରାଇବା ପାଇଁ କେନ୍ଦ୍ର ସରକାରଙ୍କ ଜୋରଦାର ପ୍ରୟାସ । ଚଳିତ ମାସ ଶେଷ ଆଡ଼କୁ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଡକାଯିବାର ସମ୍ଭାବନା ଥିବା ବେଳେ ସମର୍ଥନ ଯୋଗାଡ଼ କରିବା ପାଇଁ ସରକାର ଡିଏମକେ ଏବଂ କିଛି ଛୋଟ ବିରୋଧୀ ଦଳ ସହ ଯୋଗାଯୋଗ କରୁଛନ୍ତି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ଌଓଜ ବିରୋଧରେ ବିରୋଧୀଙ୍କ ତୀବ୍ର ବିକ୍ଷୋଭ ମଧ୍ୟରେ, ସୀମା ପୁନଃନିର୍ଦ୍ଧାରଣ ଏବଂ ମହିଳା ସଂରକ୍ଷଣ ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିବା ପାଇଁ ସରକାର ଏହି ମାସ ଶେଷରେ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଡାକିବା ସମ୍ଭାବନା ରହିଛି । ଲୋକସଭାରେ ଏହାକୁ ପାସ୍ କରାଇବା ପାଇଁ ଆବଶ୍ୟକ ସଂଖ୍ୟାଗରିଷ୍ଠତା ଥିବା ଦାବି କରାଯାଉଛି । ଏପ୍ରିଲ ୧୭ ତାରିଖରେ ଲୋକସଭାରେ ସୀମା ପୁନଃନିର୍ଦ୍ଧାରଣ ଏବଂ ମହିଳା ସଂରକ୍ଷଣ ଲାଗୁ ସମ୍ପର୍କିତ ସମ୍ବିଧାନ ସଂଶୋଧନ ବିଲ୍ ପରାଜିତ ହୋଇଥିଲା। ସରକାର ମୌସୁମୀ ଅଧିବେଶନରେ ଏହି ବିଲ୍ ଆଣିବାର ଥିଲା, କିନ୍ତୁ ନିଟ୍ ପ୍ରଶ୍ନପତ୍ର ଲିକ୍ ବିବାଦ, ସିଜେପି ଆନ୍ଦୋଳନ ପରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏବଂ ଏସଆଇଆର କାର୍ଯ୍ୟକ୍ରମକୁ ନେଇ ବିରୋଧ ପ୍ରଦର୍ଶନ ମୁଖ୍ୟ ପ୍ରସଙ୍ଗ ପାଲଟିବାରୁ ସରକାର ଏହାକୁ ସ୍ଥଗିତ ରଖିଥିଲେ । ସମ୍ବିଧାନ ସଂଶୋଧନ ପାଇଁ ସଂସଦରେ ଦୁଇ-ତୃତୀୟାଂଶ ସମର୍ଥନ ଆବଶ୍ୟକ। ବର୍ତ୍ତମାନ ଲୋକସଭାରେ ଏନଡିଏ ପାଖରେ ସାଧାରଣ ବହୁମତ ଥିଲେ ହେଁ, ଆବଶ୍ୟକ ଥିବା ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଠାରୁ ଏହା କମ୍ ରହିଛି। ବର୍ତ୍ତମାନ ଲୋକସଭାରେ ୫୪୦ ଜଣ ସଦସ୍ୟ ଅଛନ୍ତି। ତେବେ ଗତ ଅଧିବେଶନ ପରଠାରୁ ସରକାରଙ୍କ ସ୍ଥିତି ମଜବୁତ ହୋଇଛି, କାରଣ ତୃଣମୂଳ କଂଗ୍ରେସର ୨୦ ଜଣ ଏବଂ ଶିବସେନାର ୬ ଜଣ ସାଂସଦ ଶାସକ ଦଳ ଆଡ଼କୁ ଆସିଛନ୍ତି । ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଅନୁସାରେ ବିଲ୍ ପାଇଁ ସମର୍ଥନ ହାସଲ କରିବାକୁ କେନ୍ଦ୍ର ସରକାର ଡିଏମକେ ସହ ଆଲୋଚନା କରୁଛନ୍ତି। ତାମିଲନାଡୁ ନିର୍ବାଚନ ପରେ କଂଗ୍ରେସ ସହ ସମ୍ପର୍କ ଛିନ୍ନ ଏବଂ ଇଣ୍ଡିଆ ମେଣ୍ଟରୁ ବାହାରିଯିବା ପରେ ଡିଏମକେ ସହ ଏହି ଯୋଗାଯୋଗ ଆରମ୍ଭ ହୋଇଛି । ଏହା ବ୍ୟତୀତ ସମ୍ଭାବ୍ୟ ଭୋଟ୍ ପୂର୍ବରୁ ସଂଖ୍ୟା ବୃଦ୍ଧି ପାଇଁ ସରକାର କିଛି ଛୋଟ ବିରୋଧୀ ଦଳଙ୍କ ସହ ମଧ୍ୟ ଯୋଗାଯୋଗରେ ଅଛନ୍ତି ।

## ସରପଞ୍ଚ ଓ ନାଏବ ସରପଞ୍ଚଙ୍କୁ ଦଶହରା ଭେଟି



ଭୁବନେଶ୍ୱର, ୧୬/୧୦ (ନି.ପ୍ର): କାର୍ଯ୍ୟରତ ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦଶହରା ଭେଟି। ରାଜ୍ୟର ଗ୍ରାମ ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ନିର୍ବାଚିତ ଜନପ୍ରତିନିଧିଙ୍କ ଛଅ ମାସର ସମ୍ମାନ ରାଶି ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏଥିପାଇଁ ମୋଟ ୫୬ କୋଟି ୫୫ ଲକ୍ଷ ୭୨ ହଜାର ଟଙ୍କା ମଞ୍ଜୁର ହୋଇଛି। ଏହି ଅର୍ଥ ଚଳିତ ବର୍ଷ ଏପ୍ରିଲ ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଛଅ ମାସର ସମ୍ମାନ ରାଶି ବାବଦରେ ପ୍ରଦାନ କରାଯିବ । ମଞ୍ଜୁର ହୋଇଥିବା ରାଶି ଅନୁଯାୟୀ, ସରପଞ୍ଚମାନେ ମାସିକ ୧୦ ହଜାର ଟଙ୍କା ଏବଂ ନାଏବ ସରପଞ୍ଚମାନେ ମାସିକ ୪ ହଜାର ଟଙ୍କା ହିସାବରେ ସମ୍ମାନ ରାଶି ପାଇବେ। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର ଗ୍ରାମ ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ଜନପ୍ରତିନିଧିମାନେ ଉପକୃତ ହେବେ। ଦଶହରା ପୂର୍ବରୁ ଛଅ ମାସର ସମ୍ମାନ ରାଶି ମଞ୍ଜୁର ହେବାକୁ ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ପାଇଁ ଏକ ବଡ଼ ଘୋଷଣା ଭାବେ ଦେଖାଯାଉଛି ।

## ରାଜଧାନୀରେ ପୁଣି ହିଟ ଆଣ୍ଡ ରନ୍ : ଜଣେ ଗୁରୁତର

ଭୁବନେଶ୍ୱର, ୧୬/୧୦ (ନି.ପ୍ର): ରାଜଧାନୀରେ ପୁଣି ହିଟ ଆଣ୍ଡ ରନ୍ ଘଟିଛି। ନୟାପଲ୍ଲୀ ଅଂଚଳରେ ଘଟିଥିବା ଏହି ଦୁର୍ଘଟଣା ବେଳର ସିସିଟିଭି ଫୁଟେଜ୍ ଭାଇରାଲ ହୋଇଛି। ଘଟିଛି ଦୁର୍ଘଟଣା। ଦୁର୍ଘଟଣାରେ ଜଣେ ୫୦ ବର୍ଷୀୟ ଲୋକ ଗୁରୁତର ହୋଇଛନ୍ତି । ବ୍ୟକ୍ତି ଜଣକ ମିଠା କିଣି ରାସ୍ତା ପାର୍ ହେଉଥିବା ବେଳେ ଏକ କଳା ରଙ୍ଗର ଏସୟୁଭି ଧକ୍କା କରି ଫେରାର ହୋଇଯାଇଥିଲା। ଗୁରୁତର ଆହତ ବ୍ୟକ୍ତି ହେଲେ ଭରତପୁର୍ ସାଂପୁର ଅଂଚଳର ବିଭୁତି ଭୂଷଣ ଚଇନି । ଏକ ଘରୋଇ ହସ୍ପିଟାଲରେ ଅତି ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି ବିଭୁତି। ତେବେ ସିସିଟିଭି ଯାଂଚ ସହ ତଦନ୍ତକୁ ବ୍ୟାପକ କରିଛି ନୟାପଲ୍ଲୀ ଥାନା ପୋଲିସ। ଅନ୍ୟପକ୍ଷରେ ଗୋଟିଏ ପରେ ଗୋଟିଏ ମର୍ମନ୍ତୁଦ ଦୁର୍ଘଟଣା ପୋଲିସ ପାଇଁ ଚିନ୍ତା ବଢ଼ାଇ ଦେଇଛି।

## ବିଶ୍ୱ ଖାଦ୍ୟ ଦିବସରେ ଖାଦ୍ୟ ନଷ୍ଟ ନକରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ୧୬/୧୦ (ନି.ପ୍ର): ବିଶ୍ୱ ଖାଦ୍ୟ ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଅନ୍ନଦାତା ଚାଷୀଙ୍କ ପ୍ରତି ହୃଦୟରୁ କୃତଜ୍ଞତା ପ୍ରକାଶ କରିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ସମସ୍ତଙ୍କୁ ପୁଷ୍ଟିକର ଖାଦ୍ୟ ଉପଲବ୍ଧ କରାଇବା ଏବଂ ରାଜ୍ୟରୁ ଅପପୁଷ୍ଟିକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ରାଜ୍ୟ ସରକାର ଦୃଢ଼ ପ୍ରତିବଦ୍ଧ ବୋଲି ସେ କହିଛନ୍ତି। ଏକ୍ସ ମାଧ୍ୟମରେ ନିଜର ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଖାଦ୍ୟ ନଷ୍ଟ ନକରିବା ପାଇଁ ଆମେ ସମସ୍ତେ ସଂକଳ୍ପ ନେବା ଆବଶ୍ୟକ। ଏଥିସହ ଏକ ସୁସ୍ଥ, ସମୃଦ୍ଧ ଓ ସମୃଦ୍ଧିଶାଳୀ ଓଡ଼ିଶା ଗଠନରେ ପ୍ରତ୍ୟେକ ନାଗରିକ ସକ୍ରିୟ ଯୋଗଦାନ ଦେବାକୁ ସେ ଆହ୍ୱାନ ଦେଇଛନ୍ତି।

# ଛାତ୍ର ସଂସଦ ନିର୍ବାଚନ ଦୋହଲାଇଦେଲା ନେତାଙ୍କ ଗଡ଼: ମାତ୍ ଖାଇଗଲେ ହେଭିୱେଟ୍

**ପଂଚାୟତ ଭୋଟରେ ପଡ଼ିବ କି କ୍ୟାଂପସ ପ୍ରଭାବ ? ୩ ପ୍ରମୁଖ ଦଳରେ ଅଙ୍କକଷା ଆରମ୍ଭ**



ଭୁବନେଶ୍ୱର, ୧୬/୧୦ (ନି.ପ୍ର): ଛାତ୍ର ସଂସଦ ନିର୍ବାଚନ ଦୋହଲାଇଦେଲା ନେତାଙ୍କ ଗଡ଼। ମାତ୍ ଖାଇଗଲେ ହେଭିୱେଟ୍, କାମ ଦେଲାନି ରଣନୀତି । ସାଧାରଣ ନିର୍ବାଚନ ରାଜନୀତିକୁ ବଳିଯାଇଥିଲା ଚଳିତ ଥରର ଛାତ୍ର ସଂସଦ ନିର୍ବାଚନ। ମୈଦାନରେ ଲଢ଼ୁଥିଲେ ଛାତ୍ରଛାତ୍ରୀ, ହେଲେ ଗଡ଼ ଜଗିଥିଲେ ବଡ଼ ନେତା । ରାଜ୍ୟର ୩୨୮ଟି ମହାବିଦ୍ୟାଳୟ ଏବଂ ୧୨ଟି ବିଶ୍ୱବିଦ୍ୟାଳୟରୁ ଆସିଥିବା ଫଳାଫଳ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସତର୍କ ଘଣ୍ଟି ବଜାଇଛି । ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ । ଲଢ଼େଇ କେବଳ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହେଉନଥିଲା, ଏଠାରେ ମୁହାଁମୁହିଁ ହୋଇଥିଲେ ସମୀର ଦାସ ଆଉ ପ୍ରଭାତୀ ପରିଡ଼ା। ଉପମୁଖ୍ୟମନ୍ତ୍ରୀଙ୍କ କ୍ୟାମ୍ପ୍‌କୁ ଚକ୍‌ମା ଦେଇ କମାଲ୍ କରିଛନ୍ତି ସମୀରଙ୍କ ଟିମ୍। କିଛି ମାସ ପୂର୍ବରୁ କଟକ ରାଜନୀତିରେ ବଡ଼ ଓଲଟପାଲଟ ହୋଇଥିଲା । ହେଲେ ଛାତ୍ର ସଂସଦ ନିର୍ବାଚନ ଏହି ଆକଳନ ବିଜେପିକୁ ବଡ଼ ଝଟକା ଦେଇଛି। ରେଭେନ୍ସାରେ ସଭାପତି ପଦ ସମେତ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ଜେକେବିକେ ମହାବିଦ୍ୟାଳୟ ଓ ଚୌଦ୍ୱାରରେ ବାଜି ମାରିଛି ବିସିଜେଡି । ଅନ୍ୟପଟେ ବିଜେଡି ଯାହାକୁ ଫିଙ୍ଗି ଦେଇଥିଲା ସେହି ନେତା ଶୈଳବାଳା ଓ ଖ୍ରୀଷ୍ଟ କଲେଜ ରେ ସ୍ୱାଧୀନ ପ୍ରାର୍ଥୀ ଚକମା ଦେଇଛନ୍ତି। କେବଳ ସିଟି କଲେଜରେ ସୀମିତ ଏବିଭିପି। ବିଜେପି ରାଜ୍ୟ ସଭାପତି ଏବଂ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଜିଲ୍ଲାରେ ଏଭିବିପିକୁ ଲାଗିଛି ଝଟକା। ଭଦ୍ରକ ଓ ଚାନ୍ଦବାଲି କଲେଜକୁ ବିସିଜେଡି କବ୍‌ଜା କରିଥିବା ବେଳେ ଧାମନଗରରେ ଜିତିଛି ଏଭିବିପି ।

◆◆ପୃଷ୍ଠା ୭

# ସାକ୍ଷୀଙ୍କୁ ଧମକ ଓ ପ୍ରଲୋଭନ ଅଭିଯୋଗ: ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ପୁଣି ଜେରା



ଭୁବନେଶ୍ୱର, ୧୬/୧୦ (ନି.ପ୍ର): ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ପୁଣି ଜେରା କରିଛି ପୋଲିସ। ସାକ୍ଷୀଙ୍କୁ ଧମକ ଦେବା ଓ ପ୍ରଲୋଭିତ କରିବା ଅଭିଯୋଗରେ ଗୋଷାଣୀ ନୂଆଗାଁ ଥାନାରେ ତାଙ୍କୁ ପ୍ରାୟ ଦେଢ଼ ଘଣ୍ଟା ଧରି ପଚରାଉଚରା କରାଯାଇଛି। ଏହି ମାମଲାରେ ଏହା ତାଙ୍କର ଦ୍ୱିତୀୟ ଥର ଜେରା। ସୂଚନା ଅନୁସାରେ, ଏହା ପୂର୍ବରୁ ଗତ ୬ ତାରିଖରେ ପୋଲିସ ବିକ୍ରମ ପଣ୍ଡାଙ୍କୁ ପ୍ରାୟ ୪ ଘଣ୍ଟା ଧରି ଜେରା କରିଥିଲା। ଏବେ ପୁଣି ତାଙ୍କୁ ଥାନାକୁ ଡାକି ଅଭିଯୋଗ ସମ୍ପର୍କରେ ପଚରାଉଚରା କରାଯାଇଛି। ଆସନ୍ତା ୨୮ ତାରିଖରେ ପୁଣି ଥରେ ହାଜର ହେବାକୁ ତାଙ୍କୁ କୁହାଯାଇଛି। ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟା ମାମଲା ସହ ଏହି ଅଭିଯୋଗ ଜଡ଼ିତ। ୨୦୨୫ ଅକ୍ଟୋବର ୬ ତାରିଖରେ ପୀତବାସଙ୍କୁ ତାଙ୍କ ଘର ନିକଟରେ ଗୁଳି କରି ହତ୍ୟା କରାଯାଇଥିଲା। ଏହି ହତ୍ୟା ମାମଲାରେ ବିକ୍ରମ ପଣ୍ଡାଙ୍କୁ ୨୦୨୫ ନଭେମ୍ବରରେ ଗିରଫ କରାଯାଇଥିଲା। ପ୍ରାୟ ୧୦ ମାସ ଜେଲ୍‌ରେ ରହିବା ପରେ ସେ ୨୦୨୬ ସେପ୍ଟେମ୍ବର ୧ ତାରିଖରେ ହାଇକୋର୍ଟରୁ ଜାମିନ ପାଇଥିଲେ। ଏହାପରେ ଜଣେ ସାକ୍ଷୀ ଲଳିତ ମଙ୍ଗରାଜଙ୍କ ଅଭିଯୋଗ ଆଧାରରେ ସାକ୍ଷୀଙ୍କୁ ଧମକ ଓ ପ୍ରଲୋଭିତ କରିବା ନେଇ ନୂଆ ମାମଲା ରୁଜୁ ହୋଇଥିଲା। ଏହି ଅଭିଯୋଗରେ ବିକ୍ରମ ପଣ୍ଡାଙ୍କ ସହ ତାଙ୍କର ଜଣେ ସହଯୋଗୀ ଓ ଜେଲ୍ ଡାକ୍ତରଙ୍କ ନାମ ମଧ୍ୟ ରହିଛି। ତେବେ ଏହି ଅଭିଯୋଗଗୁଡ଼ିକର ତଦନ୍ତ ଜାରି ରହିଛି।








ଶାରଦୀୟ ବିଶେଷାଙ୍କ ଉନ୍ମୋଚନ ପର୍ବ ଓ ସାରସ୍ୱତ ସମାରୋହ- ୨୦୨୬

ମହାଶୟ/ ମହାଶୟା;

ସାହିତ୍ୟ ସଂସ୍କୃତି ପତ୍ରିକା 'ସାଗରିକା'ର ଶାରଦୀୟ ବିଶେଷାଙ୍କର ଉନ୍ମୋଚନ ଉତ୍ସବ ତଥା ସାରସ୍ୱତ ସମାରୋହ ଷ୍ଟେସନ କ୍ଲବ (ଦୁର୍ଗା ମେଡିସିନ୍ ଷ୍ଟୋର ପାଖ) ସଭାଗୃହରେ ତା ୧୭.୧୦.୨୦୨୬ ଶନିବାର ସଂଧ୍ୟା ୬ ଘଟିକା ସମୟରେ ଅନୁଷ୍ଠିତ ହେବ।

ଆପଣ ଏହି ଶାରଦୀୟ ବିଶେଷାଙ୍କ ଉନ୍ମୋଚନ ସଭାରେ ଯୋଗଦେଇ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବାକୁ ଆମର ବିନମ୍ର ଅନୁରୋଧ।

ଆପଣଙ୍କ ଅପେକ୍ଷାରେ....

ସୃଷ୍ଟିଧର ପରିଡ଼ା

ମୁଖ୍ୟ ସମ୍ପାଦକ: ସାଗରିକା/ ଧ୍ୱନି ପ୍ରତିଧ୍ୱନି ବାଲେଶ୍ୱର


# କୋଟିଆରେ ଆନ୍ଧ୍ରର ନୂଆ ଚାଲ୍: ଓଡ଼ିଶାରେ ହଲଚଲ୍




ଭୁବନେଶ୍ୱର, ୧୬/୧୦ (ନି.ପ୍ର): ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ କରିବ ଆନ୍ଧ୍ର ! କୋଟିଆର ୩ ଗାଁରେ ନିର୍ବାଚନ ପାଇଁ ବିଜ୍ଞପ୍ତି । ସୀମାକୁ ନେଇ ଓଡ଼ିଶା ଏବଂ ଆନ୍ଧ୍ର ବିବାଦ ଭିତରେ କୋଟିଆରେ ପଞ୍ଚାୟତ ନିର୍ବାଚନ କରିବାକୁ ଅଣ୍ଟା ଭିଡ଼ିଛି ଆନ୍ଧ୍ର। ନିର୍ବାଚନ ପାଇଁ ଆନ୍ଧ୍ର ପ୍ରଦେଶ ସରକାର ବିଜ୍ଞପ୍ତି ଜାରି କରିଛନ୍ତି। କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍‌ର କୋଟିଆ ପଞ୍ଚାୟତରେ ଫଗୁଣସିନେରୀ, ଗଞ୍ଜେଇ ପଦର ଏବଂ ପାଟୁ ସିନେରୀ ୩ଟି ଗାଁରେ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଗାଁଗୁଡିକୁ ଆନ୍ଧ୍ରପ୍ରଦେଶର ନୂଆ ଜିଲ୍ଲା 'ପାର୍ବତୀପୁରମ୍ ମାନ୍ୟାମ୍' ସାଲୁର ବ୍ଲକରେ ୩ ଟି ପଞ୍ଚାୟତ ଭାବେ ସାମିଲ କରାଯାଇଛି। ଆନ୍ଧ୍ରପ୍ରଦେଶ ସରକାରଙ୍କ ଘୋଷଣା ଅନୁଯାୟୀ, ନଭେମ୍ବର ୨୬, ନଭେମ୍ବର ୨୯ ଏବଂ ଡିସେମ୍ବର ୨, ତିନୋଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ଆନ୍ଧ୍ରର ଏହି ବିଜ୍ଞପ୍ତି ପରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛି କଂଗ୍ରେସ। ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, କୋଟିଆ ଉପରେ ଆନ୍ଧ୍ର ଅଧିକାର ଜାହିର କରିବାକୁ ଚାହୁଁଛି। କିନ୍ତୁ ସରକାର ନିଦାବିଷ୍ଟୁ ସାଜିଛନ୍ତି। ଜବାବ ରଖି ବିଜେପି କହିଛି, କୋଟିଆବାସୀ ଆନ୍ଧ୍ରର ଏଭଳି ନିର୍ବାଚନକୁ ପ୍ରତ୍ୟାଖ୍ୟାନ କରିବେ। ନିର୍ବାଚନ ବିଜ୍ଞପ୍ତି ପୂର୍ବରୁ ଗତ ସେପ୍ଟେମ୍ବର-ଅକ୍ଟୋବର ମାସରେ ଆନ୍ଧ୍ର ଅଧିକାରୀମାନେ

◆◆ପୃଷ୍ଠା ୭

# ଦିଲ୍ଲୀରେ ତ୍ରିରଙ୍ଗା ପ୍ରଦର୍ଶନ: ଅଭିଜିତଙ୍କ ପରେ ନେହା ବୋରା ଅଟକ



ନୂଆଦିଲ୍ଲୀ,୧୬/୧୦ : ତ୍ରିରଙ୍ଗା ଯାତ୍ରାକୁ ନେଇ ଦିଲ୍ଲୀରେ ଜୋରଦାର ଚର୍ଚ୍ଚା । କକରୋଚ୍ ଜନତା ପାର୍ଟି (ସିଜେପି)ର 'ଲେହରା ଦୋ ତିରଙ୍ଗା' କାର୍ଯ୍ୟକ୍ରମକୁ ନେଇ କନୋଟ୍ ପ୍ଲେସ୍ ଓ ଏହାର ଆଖପାଖ ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା କରିଛି ଦିଲ୍ଲୀ ପୁଲିସ। ଅକ୍ଟୋବର ୧୬ରେ ପ୍ରସ୍ତାବିତ ଏହି କାର୍ଯ୍ୟକ୍ରମ ପୂର୍ବରୁ ସିଜେପି ସଂସ୍ଥାପକ ଅଭିଜିତ ଦୀପକେଙ୍କୁ ପୁଲିସ ନୋଟିସ୍ ଜାରି କରିବା ସହ ଅଟକ ରଖିଛି। ରିପୋର୍ଟ ଅନୁସାରେ, କନୋଟ୍ ପ୍ଲେସ୍‌ରେ ଥିବା ସେଣ୍ଟ୍ରାଲ୍ ପାର୍କରେ ତ୍ରିରଙ୍ଗା ଉଡ଼ାଇବା ପାଇଁ ସିଜେପି ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। କିନ୍ତୁ କନୋଟ୍ ପ୍ଲେସ୍ ଅନୁମୋଦିତ ପ୍ରତିବାଦ ସ୍ଥଳ ନୁହେଁ ବୋଲି ଦର୍ଶାଇ ଦିଲ୍ଲୀ ପୁଲିସ କାର୍ଯ୍ୟକ୍ରମ ନକରିବାକୁ ଅଭିଜିତଙ୍କୁ ନୋଟିସ୍ ଦେଇଥିଲା । ଏହାପରେ ଅଭିଜିତ ଦୀପକେଙ୍କୁ ଏନ୍‌ସିପି (ଶରଦଚନ୍ଦ୍ର ପୱାର)ର ମୁଖପାତ୍ର ଅନିଶ ଗାୱାଣ୍ଡେଙ୍କ କରୋଲ ବାଗସ୍ଥିତ ବାସଭବନରୁ ପୁଲିସ ଅଟକ ରଖିଥିବା ଖବର ଆସିଛି। ଘଟଣାର ଲାଇଭ୍ ଭିଡିଓରେ ଅଭିଜିତ ପୁଲିସକୁ ପ୍ରଶ୍ନ କରୁଥିବା ଦେଖାଯାଇଛି ।

◆◆ପୃଷ୍ଠା ୭

# ଫକୀର ମୋହନ ବିଶ୍ୱବିଦ୍ୟାଳୟରେ 'ଉନ୍ନରୁମ୍-୨୦୨୬' ଉଦ୍‌ଯାପିତ

## ଲୋକକଳା, ସାହିତ୍ୟ ଓ ନୃତ୍ୟସଙ୍ଗୀତରେ ଭାରତ ଓ ଶ୍ରୀଲଙ୍କାର କଳାକାରଙ୍କ ଅନନ୍ୟ ସମାଗମ




ବାଲେଶ୍ୱର,୧୬/୧୦ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ତିନିଦିନ ଧରି ଆୟୋଜିତ ଆନ୍ତର୍ଜାତିକ ସାହିତ୍ୟ, ସଂସ୍କୃତି ଓ କଳା ମହୋତ୍ସବ 'ଉନ୍ନରୁମ୍-୨୦୨୬' ଅକ୍ଟୋବର ୧୬ ତାରିଖରେ ଭବ୍ୟ ସାଂସ୍କୃତିକ ପରିବେଶ ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବରେ ଭାରତର ବିଭିନ୍ନ ରାଜ୍ୟ ସହ ଚାରୋଟି ଦେଶର କଳାକାର ଓ ସାଂସ୍କୃତିକ ଦଳ ଯୋଗଦେଇ ଲୋକପରମ୍ପରା, ସାହିତ୍ୟ ଓ ପରିବେଷଣ କଳାର ବିବିଧତାକୁ ଉପସ୍ଥାପନ କରିଥିଲେ। ମହୋତ୍ସବର ଦ୍ୱିତୀୟ ଦିନ, ଅକ୍ଟୋବର ୧୫ ତାରିଖରେ ବିଶ୍ୱବିଦ୍ୟାଳୟ ପରିସରସ୍ଥ 'ଲେଟର୍ ଗାର୍ଡେନ୍'ରେ ଡାଏନା ମହାପାତ୍ର, ଜିଡ୍ରିଜା ଜାନୁସେଡ୍ ଓ ସ୍ମିତା କାରିଆପ୍ପାଙ୍କ କଳାତ୍ମକ ପରିବେଷଣ ଆୟୋଜିତ ହୋଇଥିଲା। ଏହା ପରେ ଲୋକଗୀତକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ସୁଭାଷ ରାମ ଓ ଶାନ୍ତନୁ ସିଂହ ଲୋକସଙ୍ଗୀତର ସଂରକ୍ଷଣ, ସାଂସ୍କୃତିକ ଐତିହ୍ୟର ସୁରକ୍ଷା ଏବଂ ପାରମ୍ପରିକ କଳାର ପ୍ରସାର ସମ୍ପର୍କରେ ନିଜସ୍ୱ ମତ ରଖିଥିଲେ। ଦ୍ୱିତୀୟ ଦିନର ସାଂସ୍କୃତିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଡ଼ିଶୀ ନୃତ୍ୟ ଓ କୁମାର ପୂର୍ଣ୍ଣିମା ଗୀତ ପରିବେଷିତ ହୋଇଥିଲା। ଏଥିସହ ଆସାମର ପବ୍ କାମରୂପ କଲେଜ ପକ୍ଷରୁ ଥିୟା ନାମ ନୃତ୍ୟ, ତ୍ରିବେଣୀ କଳା କେନ୍ଦ୍ର ପକ୍ଷରୁ ସାଂସ୍କୃତିକ ପରିବେଷଣ, ଶ୍ରୀଲଙ୍କାର ଏସ୍.ଆର. କଳାନିକେତନ ପକ୍ଷରୁ ଲୋକନୃତ୍ୟ, ପଶ୍ଚିମବଙ୍ଗର ହଳଦିବାଡ଼ି କଲେଜ ପକ୍ଷରୁ ମୂକାଭିନୟ, ପିତାମ୍ବର ମହାନ୍ତ ଓ ତାଙ୍କ ଦଳ ପକ୍ଷରୁ ଛଉ ନୃତ୍ୟ ଏବଂ ନୀଳଗିରିର ଦୟରୁଘାଟି ପକ୍ଷରୁ ମୁଣ୍ଡାରୀ ନୃତ୍ୟ ପରିବେଷିତ ହୋଇଥିଲା। ମହୋତ୍ସବର ଶେଷ ଦିନରେ, ବାଲେଶ୍ୱରର ୧୫ ଜଣ ବିଶିଷ୍ଟ ଲେଖକଙ୍କୁ ନେଇ 'କିଛି କଥା କିଛି କବିତା' ଶୀର୍ଷକ ସାହିତ୍ୟ ଆସର ଆୟୋଜିତ ହୋଇଥିଲା। ଏହା ପରେ ବିଭିନ୍ନ ପରିବେଷଣ କଳା, ପୁସ୍ତକ ଉନ୍ମୋଚନ ଓ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ସାଂସ୍କୃତିକ ସନ୍ଧ୍ୟାରେ ଆସାମର ପବ୍ କାମରୂପ କଲେଜ ପକ୍ଷରୁ ବିହୁ ନୃତ୍ୟ, ତ୍ରିବେଣୀ କଳା କେନ୍ଦ୍ର ପକ୍ଷରୁ ବୋଡ଼ୋ ନୃତ୍ୟ, ଶ୍ରୀଲଙ୍କାର ଶ୍ରୀ କଳାନିକେତନ ପକ୍ଷରୁ ରବୀନ୍ଦ୍ର ନୃତ୍ୟ, ପଶ୍ଚିମବଙ୍ଗର ହଳଦିବାଡ଼ି କଲେଜ ପକ୍ଷରୁ ମୂକାଭିନୟ, ଗଞ୍ଜାମର କଳାବିକାଶ କେନ୍ଦ୍ର ପକ୍ଷରୁ ଯୋଡ଼ିଶଙ୍ଖ ଏବଂ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାନ୍ତାଳୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା। 'ଉନ୍ନରୁମ୍-୨୦୨୬' ର ଏହି ଚତୁର୍ଥ ସଂସ୍କରଣରେ ବିଭିନ୍ନ ଅଞ୍ଚଳ ଓ ଦେଶର ସାହିତ୍ୟିକ, କଳାକାର ଏବଂ ସାଂସ୍କୃତିକ ପରମ୍ପରାକୁ ଗୋଟିଏ ମଞ୍ଚରେ ଏକତ୍ର କରି ସାଂସ୍କୃତିକ ଆଦାନପ୍ରଦାନ ଓ ପରସ୍ପରର ପରମ୍ପରା ପ୍ରତି ସମ୍ମାନବୋଧ ବୃଦ୍ଧିର ସୁଯୋଗ ସୃଷ୍ଟି କରିପାରିଛି। ଏହି ମହୋତ୍ସବ ମାଧ୍ୟମରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଦେଶୀୟ ଲୋକକଳା ଓ ସାଂସ୍କୃତିକ ଐତିହ୍ୟର ସୁରକ୍ଷା, କଳାତ୍ମକ ଅଭିବ୍ୟକ୍ତିର ପ୍ରୋତ୍ସାହନ ଏବଂ ଶିକ୍ଷା ଓ ପରିବେଷଣ କଳା ମାଧ୍ୟମରେ ଆନ୍ତଃସାଂସ୍କୃତିକ ବୁଝାମଣାକୁ ସୁଦୃଢ଼ କରିବା ପ୍ରତି ନିଜର ପ୍ରୟାସକୁ ସଫଳ ରୂପାୟନ କରିଅଛି।

# ଭୁଲିଯାଇଥିବା ଖାଦ୍ୟ ଓ ଅବହେଳିତ ଫସଲର ପୁନରୁଦ୍ଧାର ନିମନ୍ତେ ଜିଲ୍ଲାସ୍ତରୀୟ କର୍ମଶାଳା

କନ୍ଧମାଳ,୧୬/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲାର ପାରମ୍ପରିକ ଖାଦ୍ୟ, ଫସଲ, ଦେଶୀ ବିହନ ଓ ଅବହେଳିତ ଫସଲ ଗୁଡିକର ସଂରକ୍ଷଣ ଏବଂ ପୁନରୁଦ୍ଧାର ଉଦ୍ଦେଶ୍ୟରେ ଭୁଲିଯାଇଥିବା ଖାଦ୍ୟ ଓ ଅବହେଳିତ ଫସଲର ପୁନରୁଦ୍ଧାର ତଥା ସ୍ଥାୟୀ ଉନ୍ନତିକରଣ ପ୍ରକଳ୍ପ ତରଫରୁ ଏକ ଜିଲ୍ଲା ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଫୁଲବାଣୀ ସ୍ଥିତ ଜିଲ୍ଲା କୃଷି ବିଭାଗର ଆତ୍ମା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଆଜି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲା ମୁଖ୍ୟ କୃଷି ଅଧିକାରି ପ୍ରସନ୍ନ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରକଳ୍ପର ଉଦ୍ଦେଶ୍ୟ, କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ଓ ଆଗାମି ଦିନରେ କାର୍ଯ୍ୟ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । କନ୍ଧମାଳ ଜିଲ୍ଲା ଉଦ୍ୟାନ କୃଷି ଅଧିକାରି ସ୍ମିତା ମହାନ୍ତି ଉପସ୍ଥିତ ରହି ବିଶେଷ କରି ଦେଶୀ ବିହନ ଓ ପାରମ୍ପରିକ ଫସଲର ସଂରକ୍ଷଣ, ଅବହେଳିତ ତଥା ବିଲୁପ୍ତ ପ୍ରାୟ ଫସଲର ପୁନରୁଦ୍ଧାର, ବିହନ ବୃଦ୍ଧି, ସ୍ଥାନୀୟ କୃଷି ଜ୍ଞାନର ସୁରକ୍ଷା ଏବଂ ଚାଷୀଙ୍କ ସକ୍ରିୟ ଅଂଶଗ୍ରହଣ ଉପରେ ଗୁରୁତ୍ୱ ଦେଇଥିଲେ । ସେହିପରି ବାଲିଗୁଡା ସହକାରୀ କୃଷି ଅଧିକାରି ସ୍ୱେତକାନ୍ତ ରାଉତ, କେ.ନୁଆଗାଁ ର ସହକାରୀ କୃଷି ଅଧିକାରି ସନ୍ତୋଷ କୁମାର ଦଳବେହେରା, କନ୍ଧମାଳ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡାକ୍ତର ନରେନ୍ଦ୍ର ବାର, ଯୋଜନା ଅଧିକାରି ରଶ୍ମିରଞ୍ଜନ ମହାରଣା ଏବଂ ସ୍ୱାତୀ ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ ଯୋଗଦେଇ ଗ୍ରାମ୍ୟ ସ୍ତରରେ ପାରମ୍ପରିକ ଫସଲ ଚିହ୍ନଟ, ଦେଶୀ ବିହନ ସଂଗ୍ରହ ଓ ସଂରକ୍ଷଣ, ଚାଷୀ ମାନଙ୍କ ସହଭାଗିତା ବୃଦ୍ଧି ଏବଂ ବିଭିନ୍ନ ବିଭାଗର ସମନ୍ୱୟରେ ପ୍ରକଳ୍ପକୁ ସଫଳ କରିବା ନେଇ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ କୃଷି ଓ ଉଦ୍ୟାନ ବିଭାଗର ବହୁ ଅଧିକାରି ଯୋଗଦେଇଥିବା ବେଳେ ତୁମୁଡିବନ୍ଧ, କୋଟଗଡ, ଦାରିଙ୍ଗବାଡି ଓ ରାଇକିଆ ବ୍ଲକର କୃଷି ଅଧିକାରି ଓ ସହାକାରି କୃଷି ଅଧିକାରି ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ସଂଯୋଜକ ବିଶ୍ୱରଞ୍ଜନ ଦଳବେହେରା, ସହ ସଂଯୋଜକ ସ୍ୱଧର୍ମ ରାଉତ, ଚାରି ଜଣ ରିସର୍ଚ୍ଚ ଫେଲୋ, ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟର ସଦସ୍ୟ/ସଦସ୍ୟା ଓ ସି.ଆର.ପି. ମାନେ ସହଯୋଗ କରିଥିଲେ । ଶେଷରେ ଏହା ଉପଲବ୍ଧି ହେଲା ଯେ, ଏହି ପ୍ରକଳ୍ପ ମାଧ୍ୟମରେ କନ୍ଧମାଳ ଜିଲ୍ଲାର ପାରମ୍ପରିକ ଫସଲ ବିବିଧତାର ସୁରକ୍ଷା, ସ୍ଥାୟୀ କୃଷି ପଦ୍ଧତିର ପ୍ରସାର ଏବଂ ଚାଷୀ ମାନଙ୍କ ଜୀବିକା ଓ ପୋଷଣ ସୁରକ୍ଷାକୁ ସୁଦୃଢ କରିବା ଦିଗରେ ସମନ୍ୱିତ ପ୍ରୟାସ କରାଯିବା ଉପରେ ଗୁରୁତ୍ୱ ଦେବ ।

# କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ବୁକ୍ ସର୍କୁଲାର ନମ୍ବର ୪୭ ଉପରେ କର୍ମଶାଳା ଆୟୋଜିତ

କେନ୍ଦୁଝର,୧୬/୧୦ (ନି.ପ୍ର): ନିର୍ବାଚିତ ପ୍ରତିନିଧି ଏବଂ ସରକାରୀ କର୍ମଚାରୀଙ୍କ ମଧ୍ୟରେ ପାରସ୍ପରିକ ଆଲୋଚନା ଓ ସମ୍ପର୍କକୁ ନିୟନ୍ତ୍ରଣ କରୁଥିବା ମାର୍ଗଦର୍ଶିକା ସମ୍ପର୍କରେ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ଅବଗତ କରାଇବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଶା ସରକାରଙ୍କ ବୁକ୍ ସର୍କୁଲାର ନମ୍ବର ୪୭ ଉପରେ ଏକ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଅଂଶଗ୍ରହଣ କରିଥିବା ଅଧିକାରୀମାନଙ୍କୁ ସମ୍ବୋଧିତ କରି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଲିକ ନିର୍ବାଚିତ ପ୍ରତିନିଧି ଏବଂ ପ୍ରଶାସନିକ ବ୍ୟବସ୍ଥା ମଧ୍ୟରେ ପ୍ରଭାବଶାଳୀ ସମନ୍ୱୟ ରକ୍ଷା କରିବା ପାଇଁ ବୁକ୍ ସର୍କୁଲାର ନମ୍ବର ୪୭ର ପ୍ରାବଧାନଗୁଡ଼ିକୁ ପାଳନ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଗୁରୁତ୍ୱ ଦେଇ କହିଥିଲେ ଯେ ସମସ୍ତ ସରକାରୀ ଅଧିକାରୀ ସାଂସଦ ଏବଂ ବିଧାୟକମାନଙ୍କ ସହ ଆଲୋଚନା କରିବା ସମୟରେ ସୌଜନ୍ୟତା ଏବଂ ବୃତିଗତ ଦକ୍ଷତା ବଜାୟ ରଖିବା ସହ ସେମାନଙ୍କ ପତ୍ରାଚାର ଏବଂ ଅନୁରୋଧର ସମୟାନୁବର୍ତୀ ସମାଧାନ ନିଶ୍ଚିତ କରିବା ଆବଶ୍ୟକ। ଏହି କର୍ମଶାଳାରେ ସର୍କୁଲାରର ପ୍ରମୁଖ ପ୍ରାବଧାନଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା, ଯେଉଁଥିରେ ପତ୍ରାଚାରଗୁଡ଼ିକର ତୁରନ୍ତ ପ୍ରାପ୍ତି ସ୍ୱୀକାର ଏବଂ ସାଧାରଣତଃ ୧୫ ଦିନ ମଧ୍ୟରେ ଏହାର ସମାଧାନ, ପତ୍ରାଚାରର ଅନୁଧ୍ୟାନ ପାଇଁ ପୃଥକ ପଞ୍ଜିକା (ରେଜିଷ୍ଟର) ରକ୍ଷଣାବେକ୍ଷଣ, ଅନୁମତିଯୋଗ୍ୟ ସୂଚନା ପ୍ରଦାନ ଏବଂ ବିକାଶମୂଳକ କାର୍ଯ୍ୟ, ସହାୟତା କାର୍ଯ୍ୟ ଏବଂ ଜନସାଧାରଣଙ୍କ ଅଭିଯୋଗ ସମ୍ପର୍କିତ ପରାମର୍ଶଗୁଡ଼ିକ ଉପରେ ଉପଯୁକ୍ତ ବିଚାର କରିବା ଅନ୍ତର୍ଭୁକ୍ତ ଥିଲା। ଏହାସହ ଅଂଶଗ୍ରହଣକାରୀମାନଙ୍କୁ ଗୋପନୀୟତା ରକ୍ଷା କରିବା, ନିର୍ଦ୍ଧାରିତ ନିୟମାବଳୀ ଅନୁସରଣ କରିବା ଏବଂ ପ୍ରତ୍ୟେକ ସ୍ତରରେ ଜବାବଦେହିତା ନିଶ୍ଚିତ କରିବାର ଗୁରୁତ୍ୱ ବିଷୟରେ ସଚେତନ କରାଯାଇଥିଲା। ଏହି ଅଧିବେଶନରେ ଏହା ଉପରେ ଗୁରୁତ୍ୱ ଦିଆଯାଇଥିଲା ଯେ, ସ୍ୱଚ୍ଛ, ଦାୟିତ୍ୱବାନ ଏବଂ ଜନ-କୈନ୍ଦ୍ରିକ ଶାସନ ପାଇଁ ଏହି ସର୍କୁଲାରର ଅନୁପାଳନ ଅତ୍ୟନ୍ତ ଜରୁରୀ। ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ଉଥାପିତ ବିଷୟଗୁଡ଼ିକର ସମାଧାନରେ ଯେପରି ଅନାବଶ୍ୟକ ବିଳମ୍ବ ନହୁଏ, ସେଥିପାଇଁ ବିଚାରାଧୀନ ଥିବା ପତ୍ରାଚାରଗୁଡ଼ିକର ବ୍ୟବସ୍ଥିତ ଅନୁଧ୍ୟାନ ନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା।

ଏହି କର୍ମଶାଳାରେ ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ମାଝୀ, ଡେପୁଟି କଲେକ୍ଟର ରଜତ ପାଢ଼ୀ ଏବଂ ଆସିଷ୍ଟାଂଟ କଲେକ୍ଟର ସରୋଜ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା କେନ୍ଦୁଝର ଜିଲ୍ଲାର ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ବୁକ୍ ସର୍କୁଲାର ନମ୍ବର ୪୭ର ପ୍ରାବଧାନଗୁଡ଼ିକର ସଚେତନତା ବୃଦ୍ଧି ଏବଂ ସମାନ କାର୍ଯ୍ୟାନ୍ୱୟନ ନିଶ୍ଚିତ କରିବା, ଯାହାଦ୍ୱାରା ଉତମ ପ୍ରଶାସନିକ ସମନ୍ୱୟ ଏବଂ ଦକ୍ଷ ଜନସେବା ପ୍ରଦାନକୁ ପ୍ରୋତ୍ସାହନ ମିଳିପାରିବ।

# ସ୍ୱାତୀ ପକ୍ଷରୁ ସେବା ସଙ୍କଳ୍ପ ଅଭିଯାନ କାର୍ଯ୍ୟକ୍ରମରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ,୧୬/୧୦ (ନି.ପ୍ର): ଅଦ୍ୟାବଧି ଆମ କନ୍ଧମାଳ ଜିଲ୍ଲାର ତଥ୍ୟ ଅନୁସାରେ ୨୦୨୫ ମସିହା ଜାନୁଆରୀ ମାସ ଠାରୁ ଡିସେମ୍ବର ମାସ ମଧ୍ୟରେ ୨୧୯ଟି ସଡକ ଦୁର୍ଘଟଣା ଘଟିଥିବା ବେଳେ ସେଥିରେ ମୋଟ ୧୨୬ ଜଣଙ୍କର ମୃତ୍ୟୁ ଘଟିଛି। ୨୦୨୬ ମସିହାରେ ଜୁଲାଇ ମାସ ପର୍ଯ୍ୟନ୍ତ ଜିଲ୍ଲାରେ ୧୫୧ଟି ସଡକ ଦୁର୍ଘଟଣା ଘଟିଥିବା ବେଳେ ସେଥିରେ ମୋଟ ୯୨ ଜଣଙ୍କର ମୃତ୍ୟୁ ଘଟିଛି । ସେଥିନିମନ୍ତେ ଏହି ଦୁର୍ଘଟଣାର ପରିମାଣ ବା ସଂଖ୍ୟାକୁ କମାଇବା ପାଇଁ ଓଡିଶା ସରକାରଙ୍କ ସେବା ସଙ୍କଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅର୍ନ୍ତଗତ ପରିବହନ ବିଭାଗର ନିର୍ଦ୍ଦେଶ କ୍ରମେ କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ୍ କଟ୍ରିଙ୍ଗିଆ ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କନ୍ଧମାଳ ଜିଲ୍ଲା ପରିବହନ ବିଭାଗଙ୍କ ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଏକ ସଚତେନତା ଲୋକନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବିଣାକାର କାଶ୍ୟପ ଖାମରିଙ୍କ ଦଳ ଦ୍ୱାରା ପରିବେଷଣ କରାଯାଇଥିଲା। ଏହାକୁ ଆଂଚଳିକ ପରିବହନ ପ୍ରାଧିକରଣ କନ୍ଧମାଳ ସହାୟତା ପ୍ରଦାନ କରିଥିବା ବେଳେ ସ୍ୱେଚ୍ଛାସେବି ଅନୁଷ୍ଠାନ ସ୍ୱାତୀ ମାଧ୍ୟମରେ ପରିଚାଳନା କରାଯାଉଛି । ଫୁଲବାଣୀ ଆଂଚଳିକ ପରିବହନ ଅଧିକାରିଣୀ ମିଲି ସାହୁଙ୍କ ସହାୟତା ଏବଂ ସଂପାଦକ ଇଂ. ହରି ଶଙ୍କର ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସଡକ ସୁରକ୍ଷା ବାର୍ତା ଯଥା- ଗୀତ, ନୃତ୍ୟ, ବିଭିନ୍ନ ଢଗ ଢମାଳି ମାଧ୍ୟମରେ ଦୁଇଚକିଆ ମୋଟର ଯାନର ଚାଳକ ଏବଂ ପଛରେ ବସିଥିବା ବ୍ୟକ୍ତି ହେଲମେଟ ବ୍ୟବହାର କରିବା, ଦୃତ ବେଗରେ ଗାଡି ନଚଲାଇବା, ଗାଡିଚାଳକ ପ୍ରତିଯୋଗିତା ନକରିବା, ଗାଡି ଚଲାଇଲା ବେଳେ ନିଶା ସେବନ ନକରିବା, ଗାଡି ଚାଳନା ବେଳେ ମୋବାଇଲ ଫୋନ୍ ବ୍ୟବହାର ନକରିବା, ୧୮ ବର୍ଷରୁ କମ୍ ବୟସର ପିଲାଙ୍କୁ କୌଣସି ପ୍ରକାର ଗାଡି ଚଲାଇବାକୁ ନଦେବା, ଚାରିଚକିଆ ମୋଟର ଯାନରେ ଯାତ୍ରା ବେଳେ ଚାଳକ ଏବଂ ଯାତ୍ରୀମାନେ ସିଟ୍ ବେଲ୍ଟ ବ୍ୟବହାର କରିବା ଓ କୌଣସି ଗାଡିର କ୍ଷମତା ଠାରୁ ଅଧିକ ଯାତ୍ରୀ ପରିବହନ ନକରିବା କିମ୍ବା କ୍ଷମତା ଠାରୁ ଅଧିକ ଓଜନର ଦ୍ରବ୍ୟ ନେବା ଆଣିବା ନକରିବା ଇତ୍ୟାଦି ବିଷୟରେ ଜୁନିଅର ଏମ୍.ଭି.ଆଇ. ବଟକୃଷ୍ଣ ବିଶ୍ୱାଳ ଉପସ୍ଥିତ ରହି ଜନସାଧାରଣ ମାନଙ୍କୁ ବୁଝାଇଥିଲେ। ସ୍ଥାନୀୟ ସରପଂଚ ପ୍ରତିଭା କହଁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଡକ ସୁରକ୍ଷାର ସମସ୍ତ ନିୟମ ମାନି ରାସ୍ତାରେ ଗାଡି ଚଲାଇବାକୁ ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ । ଏଥି ସହିତ ଫୁଲବାଣୀ ପରିବହନ ବିଭାଗର ଅନିଲ ମହାରଣା ଉପସ୍ଥିତ ରହି ଜନସାଧାରଣଙ୍କୁ କିପରି ସଡକ ସୁରକ୍ଷା କରି ଜୀବନ ରକ୍ଷା କରିପାରିବା ତାହା ସୂଚନା ଦେଇଥିଲେ। ଅନୁଷ୍ଠାନ ତରଫରୁ ବରିଷ୍ଠ କର୍ମୀ ବିଶ୍ୱରଞ୍ଜନ କର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସସ୍ମିତା ବେହେରା, ସାମନ୍ତି ଦିଗାଲ, ଗିତାଞ୍ଜଳୀ ଓ ଗିତାଞ୍ଜଳୀ କହଁର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନାରେ ମହୁରିଆ କିସ୍ତାରା ଦିଗାଲ ଓ ଢୋଲିଆ ରଞ୍ଜିତ ଦିଗାଲ ପ୍ରମୁଖ ସହଯୋଗ କରିଥିଲେ ।

## କୋଲାବିରା, ଲଇକେରାରେ ସିଭିଲ ଜଜ୍ ନିଯୁକ୍ତ

ଝାରସୁଗୁଡ଼ା ,୧୬/୧୦ (ନି.ପ୍ର):ଝାରସୁଗୁଡ଼ା ଜିଲ୍ଲାର କେଲାବିରା ଓ ଲଇକେରାରେ ନୂତନ କୋର୍ଟ ଆରମ୍ଭ ହେବାକୁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ଉଭୟ ବ୍ଲକ ସଦର ମହକୁମାରେ ଆରମ୍ଭ ହେବାକୁ ଥିବା କୋର୍ଟ ପାଇଁ ବୁଧବାର ଓଡ଼ିଶା ହାଇକୋର୍ଟ ପକ୍ଷରୁ ନୂତନ ସିଭିଲ ଜଜ୍ (ଜୁନିୟର ଡିଭିଜନ) କମ୍ - ଜେଏମଏଫସି ନିଯୁକ୍ତ କରାଯାଇଛି। ନୂତନ ଆଦେଶ ଅନୁସାରେ ପବିତ୍ର ମୋହନ ପଣ୍ଡାଙ୍କୁ ଲଇକେରା ବ୍ଲକ ଓ ଦେବାଶିଷ ମିଶ୍ରଙ୍କୁ କୋଲାବିରା କୋର୍ଟରେ ଜଜ୍ ଭାବରେ ହାଇକୋର୍ଟ ପକ୍ଷରୁ ନିଯୁକ୍ତ କରାଯାଇଛି।

ସୂଚନା ଥାଉକି, ଉଭୟ ବ୍ଲକରେ ନୂତନ କୋର୍ଟ ଘର ଦୀର୍ଘ ୧ ବର୍ଷ ହେଲା ନିର୍ମାଣ ହୋଇଛି। ନୂତନ ଜଜ୍‌ଙ୍କ ନିଯୁକ୍ତି ସହ କୋର୍ଟ ଆରମ୍ଭ ନେଇ ଜନସାଧାରଣ ଅପେକ୍ଷାରେ ଥିଲେ। ନୂତନ କୋର୍ଟ ଆରମ୍ଭ ପାଇଁ ଜଜ୍ ନିଯୁକ୍ତ ପରେ ସାଧାରଣରେ ଏହାକୁ ସ୍ୱାଗତ କରାଯାଇଛି।

# କେନ୍ଦୁଝରରେ ମେଗା କ୍ରେଡିଟ୍ ଆଉଟ୍ରିଚ୍ ପ୍ରୋଗ୍ରାମ୍ ୨.୦ ଅନୁଷ୍ଠିତ

କେନ୍ଦୁଝର, ୧୫ ଅକ୍ଟୋବର (ହି.ସ.) - ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ (ଆଂଚଳିକ କାର୍ଯ୍ୟାଳୟ, କେନ୍ଦୁଝର) ଏବଂ ଜିଲ୍ଲା ମିଶନ୍ ଶକ୍ତି ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପାର୍କ ଲେନସ୍ଥିତ ପୌରପାଳିକା ଅଡିଟୋରିୟମ୍‌ରେ 'ମେଗା କ୍ରେଡିଟ୍ ଆଉଟ୍ରିଚ୍ ପ୍ରୋଗ୍ରାମ୍ ୨.୦' ଅନୁଷ୍ଠିତ ହୋଇଯାଇଛି।

ଏହି ସମାରୋହରେ କେନ୍ଦୁଝର ସାଂସଦ ଶ୍ରୀ ଅନନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀ ନାୟକନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ, 'ଗ୍ରାମୀଣ ଅର୍ଥନୀତିକୁ ସମୃଦ୍ଧ କରିବାରେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହିଭଳି କ୍ରେଡିଟ୍ ଆଉଟ୍ରିଚ୍ କାର୍ଯ୍ୟକ୍ରମ ଦ୍ୱାରା ସିଧାସଳଖ ଗ୍ରାମାଂଚଳର ମହିଳା ଓ ଚାଷୀମାନେ ଉପକୃତ ହୋଇପାରିବେ।'

ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହ ଯୋଗଦେଇ ମହିଳା ସଶକ୍ତିକରଣ ଓ ଆତ୍ମନିଯୁକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗଭୂଷଣ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ମିଶନ୍ ଶକ୍ତି ଓ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ସମନ୍ୱୟ ଦ୍ୱାରା ଜିଲ୍ଲାର ଜୀବିକା ବିକାଶରେ ଏକ ନୂତନ ଅଧ୍ୟାୟ ଯୋଡ଼ିହେବ ବୋଲି ପ୍ରକାଶ କରିଥିଲେ।

ଗ୍ରାମାଂଚଳରେ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ସୁଦୃଢ଼ କରିବା, ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଏବଂ କୃଷକମାନଙ୍କୁ ସହଜ ଋଣ ଯୋଗାଇଦେବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶାଳ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ମହିଳା ଉଦ୍ୟୋଗୀକରଣ ଓ ଆତ୍ମନିଯୁକ୍ତି ପ୍ରୋତ୍ସାହନ ନିମନ୍ତେ ମୋଟ ୧୧୮.୫୦ କୋଟିର ଋଣ ସହାୟତା ମଞ୍ଜୁର କରାଯାଇଛି।

କୃଷି ଓ ଆନୁଷଙ୍ଗିକ କାର୍ଯ୍ୟପାଇଁ ୨୧୬ ଜଣ ଚାଷୀଙ୍କୁ କିଷାନ୍ କ୍ରେଡିଟ୍ କାର୍ଡ ଜରିଆରେ ଋଣ ସୁବିଧା ପ୍ରଦାନ କରାଯାଇଛି।

ମିଶନ୍ ଶକ୍ତି ଅଧୀନରେ ୫୪୨ ଜଣ 'ଲକ୍ଷପତି ଦିଦି' ହିତାଧିକାରୀଙ୍କୁ ସ୍ୱତନ୍ତ୍ର ସହାୟତା ଯୋଗାଇ ଦିଆଯାଇ ସେମାନଙ୍କ କ୍ଷୁଦ୍ର ଉଦ୍ୟୋଗର ବିକାଶ ଓ ଜୀବିକା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି।

ଗ୍ରାମୀଣ ଅର୍ଥନୀତିର ସମୃଦ୍ଧି ଏବଂ ସମାବେଶୀ ବିକାଶ ପାଇଁ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ସଦାସର୍ବଦା ବଦ୍ଧପରିକର ବୋଲି ବ୍ୟାଙ୍କ କର୍ତୃପକ୍ଷ ପ୍ରକାଶ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ସଂଖ୍ୟକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, କୃଷକ ଏବଂ ବ୍ୟାଙ୍କିଙ୍ଗ୍ କର୍ମଚାରୀ ଉପସ୍ଥିତ ଥିଲେ।

# ମାଲକାନଗିରି ଜିଲ୍ଲାର ସରକାରୀ ବିଦ୍ୟାଳୟ ଗୁଡ଼ିକରେ ସଂଶୋଧିତ ପାଠ୍ୟପୁସ୍ତକ ବିତରଣ ଶୁଭାରମ୍ଭ

ମାଲକାନଗିରି ,୧୬/୧୦ (ନି.ପ୍ର): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲ୍ଲାର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଆଜି ସଂଶୋଧିତ ତଥା ତ୍ରୁଟିମୁକ୍ତ ନୂତନ ପାଠ୍ୟପୁସ୍ତକ ବଂଟନ ପ୍ରକ୍ରିୟା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ରାଜ୍ୟ ପାଠ୍ୟପୁସ୍ତକ ମୁଦ୍ରଣ ଓ ବିତରଣ ନିର୍ଦ୍ଦେଶାଳୟରୁ ଜିଲ୍ଲାସ୍ତରୀୟ ଡିପୋକୁ ଆବଶ୍ୟକୀୟ ପାଠ୍ୟପୁସ୍ତକ ପହଂଚିବା ପରେ, ଜିଲ୍ଲା ପ୍ରକଳ୍ପ ସଂଯୋଜକ (ସମଗ୍ର ଶିକ୍ଷା) ତଥା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ୭ଟି ବ୍ଲକକୁ ବହି ଯୋଗାଣ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି। ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ ରଞ୍ଜନ ପାଣିଗ୍ରାହୀ ନିଜେ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଆଶୀର୍ବାଦ କଲୋନୀ (ମାଲକାନଗିରି ପୌରାଚଂଳ) ପରିସରରେ ଉପସ୍ଥିତ ରହି ପ୍ରାଥମିକ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ନୂତନ ସଂଶୋଧିତ ପୁସ୍ତକ ବଂଟନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବ୍ଲକ୍ ସ୍ତରରୁ ଦୁର୍ଗମ ଓ ଉପାନ୍ତ ଅଂଚଳର ବିଦ୍ୟାଳୟଗୁଡ଼ିକୁ ପୁସ୍ତକ ସୁଚାରୁରୂପେ ପଠାଇବା ପାଇଁ ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ କ୍ଲଷ୍ଟର ସମ୍ପଦ କେନ୍ଦ୍ର ସଂଯୋଜକ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ସ୍ୱାଭିମାନ ଅଂଚଳ, ଚିତ୍ରକୋଣ୍ଡା, ମାଥିଲି, ପଡ଼ିଆ, କାଲିମେଲା, ଖଇରପୁଟ ଓ କୋରୁକୋଣ୍ଡା ଭଳି ବ୍ଲକ୍ ଗୁଡ଼ିକର ଶେଷ ସୀମାନ୍ତରେ ଥିବା ବିଦ୍ୟାଳୟଗୁଡ଼ିକରେ ଯେପରି କୌଣସି ଛାତ୍ରଛାତ୍ରୀ ପାଠ୍ୟପୁସ୍ତକରୁ ବଂଚିତ ନ ହୁଅନ୍ତି, ସେଥିପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି।


**FOREST DEPARTMENT**
**OFFICE OF THE DIVISIONAL FOREST OFFICER,**
**BARIPADA FOREST DIVISION**
e-mail – dfo.baripada@odisha.gov.in.

Government of Odisha "e" Procurement Notice
**Bid Identification No : DFO-BPD-02/2026-27**

1. Number of works – **40 (Forty)**
2. Approximate estimated cost: - **10.787 lakh**
3. Period of Completion: - **90 (Ninety)** days.
4. Date & Time of availability of bid documents in the portal :- **Dt.23.10.2026 to 02.11.2026**
5. Last Date / Time of receipt of bid in the portal :- **Dt.02.11.2026 up to 5.00 PM**
6. Date of Opening of bid :- **Dt.03.11.2026 at 11.00 AM**
7. Name & address of the Office inviting bid:- **O/o the Divisional Forest Officer, Baripada Forest Division, Baripada, Mayurbhanj, Pin-757001.**

Further details can be seen from the e-procurement portal **http://www.tendersodisha.gov.in**

**OIPR: 8001/8065/1/26-27/0002**

**Divisional Forest Officer**
**Baripada Forest Division**


# ଯୋଡ଼ା ଅଂଚଳରେ ଚାଂଚଲ୍ୟ: ମଦ୍ୟପ ସ୍ୱାମୀ ମାଡ଼ରେ ସ୍ତ୍ରୀ ମୃତ

ଚମ୍ପୁଆ,୧୬/୧୦ (ନି.ପ୍ର): ଯୋଡ଼ା ଥାନା ଅଂଚଳରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ପାରିବାରିକ କଳହରୁ ମଦ୍ୟପ ସ୍ୱାମୀଙ୍କ ଆକ୍ରମଣରେ ସ୍ତ୍ରୀଙ୍କର ପ୍ରାଣହାନୀ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଯୋଡ଼ା ଥାନା ଅନ୍ତର୍ଗତ ହନୁମାନ ହାଟିଂ ଅଂଚଳରେ କୁମାରୀ କାରୁଆ ନାମକ ଜଣେ ମହିଳା ତାଙ୍କ ସ୍ୱାମୀ ବାବୁ କାରୁଆ ଏବଂ ତିନୋଟି ଶିଶୁ ସନ୍ତାନଙ୍କ ସହ ବସବାସ କରୁଥିଲେ। ଗତକାଲି ସନ୍ଧ୍ୟାରେ ଅଭିଯୁକ୍ତ ବାବୁ କାରୁଆ ପ୍ରତିଦିନ ପରି ଅଧିକ ମଦ୍ୟପାନ କରି ଘରେ ପହଂଚି ଥିଲେ। ଏହାକୁ ନେଇ ପରିବାର ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ଆରମ୍ଭ ହୋଇଥିଲା। ସମୟ ଗଡ଼ିବା ସାଙ୍ଗକୁ ଉଭୟଙ୍କ ମଧ୍ୟରେ ବିବାଦ ଉଗ୍ରରୂପ ଧାରଣ କରିଥିଲା। ସ୍ୱାମୀ ବାବୁ କାରୁଆ ନିଜ ସ୍ତ୍ରୀ କୁମାରୀଙ୍କୁ ନିର୍ମମ ଭାବେ ମାରପିଟ କରିବା ସହ ନିକଟରେ ଥିବା ଏକ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଠେଙ୍ଗା ମାଡ଼ରେ ମହିଳା ଜଣକ ଅଚେତ ହୋଇପଡ଼ିଥିବା ବେଳେ ଘର ଭିତରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ଯୋଡ଼ା ପୋଲିସ ଘଟଣାସ୍ଥଳରେ ପହଂଚି ଥିଲା। ପୋଲିସ ମୃତଦେହ ଜବତ କରିବା ସହ ଘଟଣାସ୍ଥଳରୁ ଅଭିଯୁକ୍ତ ସ୍ୱାମୀ ବାବୁ କାରୁଆକୁ କାବୁ କରି ଥାନାକୁ ଆଣି ଅଟକ ରଖିଛି।

# ନବରାତ୍ର ଓ ମାତୃଶକ୍ତି ପରମ୍ପରା




ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର




ଭାରତୀୟ ସଂସ୍କୃତିରେ ସର୍ବ ପ୍ରଥମେ ବୈଦିକ ଦୁର୍ଗାସୂତରେ ସୂକ୍ଷ୍ମଦୃଷ୍ଟିରେ ଦୁର୍ଗାଙ୍କର ମହିମା ବର୍ଣ୍ଣିତ । ଏହି ଦୁର୍ଗାସୂତ୍ରର ମନ୍ତ୍ର ପଠନ ଦ୍ୱାରା ସମସ୍ତ ଦୁଃଖ ଦୂରୀଭୂତ ହେବାସହ କୁପ୍ରବୃତ୍ତିର ବିନାଶ ହୋଇଥାଏ । ଓଡ଼ିଶାର ପୁରପଲ୍ଲୀରେ ବନଦୁର୍ଗାଙ୍କୁ ପ୍ରସ୍ତର ବା କାଷ୍ଠସ୍ତମ୍ଭରେ ଉପଲବ୍ଧି କରାଯାଇ ସ୍ତମ୍ଭେଶ୍ୱରୀ ରୂପେ ଗ୍ରାମଦେବୀ ଉପାସନା ବହୁଳ ଭାବରେ ପ୍ରଚଳିତ ହୋଇଥିଲା । ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟର ଆରମ୍ଭରେ ଯେଉଁ ଦିଅଁ ମଙ୍ଗୁଳା କରାଯାଏ ତାହା ହିଁ ସର୍ବପ୍ରାଚୀନ ଦୁର୍ଗାପୂଜା ବା ଦେବୀପୂଜା ରୂପେ ଓଡ଼ିଶାର ସାଂସ୍କୃତିକ ପରମ୍ପରାରେ ଗୃହୀତ ହୋଇଛି ।

ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଭଗବତୀ ପୂଜା କରିବା ଅର୍ଥ ନିଜ ମା'ଙ୍କୁ ହିଁ ଉପାସନା କରିବା। ମା' କେବଳ ପୂଜାର ବେଦୀରେ ଦଶଭୁଜା ପ୍ରତିମା ନୁହଁନ୍ତି, ଘରେ ଘରେ ଜୀବନ୍ତ ଦ୍ୱିଭୁଜା ଜନନୀ। ଘରର ମା' ଓ ଜଗତର ମା'ଙ୍କର ଏକ ରୂପ। ଦଶଭୁଜା ଅର୍ଥ ହେଉଛି ଦୁଇ ହାତରେ ମା' ଦଶହାତର କାମ କରନ୍ତି। ମା'ଙ୍କର ଦଶହାତରେ ତ୍ରିଶୂଳ, ପାଶ, ପରଶୁ ଓ ଧନୁର୍ବାଣ ଇତ୍ୟାଦି ଦଶ ପ୍ରକାର ଅସ୍ତ୍ର ରହିଛି। ତେଣୁ ମା'ହେଉଛନ୍ତି ଦଶପ୍ରହର ଧାରିଣୀ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଏହି ଅସ୍ତ୍ର ହେଉଛି ମାତୃ ଐଶ୍ୱର୍ଯ୍ୟର ବିଭିନ୍ନ ଶକ୍ତି ଯାହାଦ୍ୱାରା ମା' ଅସତ୍ ବା ଅସୁରଶକ୍ତିକୁ ପରାଭୂତ ଓ ପ୍ରତିହତ କରନ୍ତି ସ୍ୱୀୟ ସନ୍ତାନକୁ ରକ୍ଷା କରିବା ପାଇଁ। ଶ୍ରୀ ଶ୍ରୀ ଠାକୁର କହିଲେ - ମା'ଦୁର୍ଗତି ନାଶିନୀ ହୋଇ ଦଶପ୍ରହରଣ ଧାରଣ କରି ସନ୍ତାନ ସଂରକ୍ଷଣରେ ନିୟୋଜିତା। ଚଣ୍ଡ, ମୁଣ୍ଡ, ଶୁମ୍ଭ, ନିଶୁମ୍ଭ ଓ ମହିଷାସୁର ପ୍ରଭୃତି ଅସୁରଦଳକୁ ଦମନ କରିଛନ୍ତି ମା'ଦୁର୍ଗା। ଶ୍ରୀ ଶ୍ରୀ ଠାକୁର ବିଜୟା ଉପଲକ୍ଷେ ପ୍ରଦତ୍ତ ବାଣୀରେ କହିଛନ୍ତି - ଏହି ମା'ମୋର ଐଶ୍ୱର୍ଯ୍ୟଶାଳିନୀ, ଦଶପ୍ରହରଣୀ ଯାହାଙ୍କ ପାଖରେ ଅଚ୍ୟୁତ ଆନତି ହିଁ ମୋର ଦୁର୍ଗ, ସେହି ଆନତି ଭିତର ଦେଇ ଯେତେବେଳେ ମା'ଙ୍କ ଚରଣରେ ମୁଁ ଆନତ ହୁଏ ସ୍ୱତଃସମ୍ବିତ ଓ ସକ୍ରିୟତାରେ ସେତେବେଳେ ମା'ମୋର ଦୁର୍ଗତିନାଶିନୀ ଦୁର୍ଗ। ମା'ସିଂହବାହିନୀ। ମହାପରାକ୍ରମୀ ପଶୁରାଜର ପୃଷ୍ଠରେ ମା'ଙ୍କର ଚରଣ ନ୍ୟସ୍ତ, ତାର ଅର୍ଥ ପଶୁଭାବର ଉପରେ ମାତୃଭାବର ପ୍ରତିଷ୍ଠା।

ଦୁର୍ଗାପୂଜା ଶରତ ଋତୁରେ ପାଳିତ ହୁଏ ବୋଲି ମା'ଦୁର୍ଗାଙ୍କର ଅନ୍ୟ ଏକ ନାମ ଶାରଦା। କିନ୍ତୁ ଶ୍ରୀ ଶ୍ରୀ ଠାକୁର କହିଲେ - ଶାରଦା ବା ଶରତ ଆସିଛି ଶୃ ଧାତୁ ଠାରୁ - ଅର୍ଥ ବଧ ଓ ହିଂସା। ହିଂସାତ୍ମକ ଯାହା କିଛିକୁ ନିହତ କରି ମା'ରକ୍ଷାକୁ ସମୃଦ୍ଧକରି ତୋଳନ୍ତି। ସେ ଅସତ୍ ନିରୋଧି ପ୍ରଚଣ୍ଡା। ମା'ଦୁର୍ଗାଙ୍କ ଧ୍ୟାନମନ୍ତ୍ରରେ ମଧ୍ୟ ଅଛି ତାଙ୍କର ଅଷ୍ଟଶକ୍ତିର କଥା - ଉଗ୍ରଚଣ୍ଡା, ପ୍ରଚଣ୍ଡା, ଚଣ୍ଡୋଗ୍ରା, ଚଣ୍ଡନାୟିକା, ଚଣ୍ଡା, ଚଣ୍ଡବତୀ, ଚଣ୍ଡରୂପା ଓ ଅତି ଚଣ୍ଡିକା। ମା'ହେଉଛନ୍ତି ଶିବଙ୍କ ଘରଣୀ - ଶିବାନୀ ଅର୍ଥାତ୍ ମଙ୍ଗଳବିଧାୟିନୀ। ମା'ସବୁ ସନ୍ତାନଙ୍କର ମଙ୍ଗଳ କାମନା କରନ୍ତି। ସମସ୍ତଙ୍କୁ କୋଳରେ ଧରନ୍ତି। ତେଣୁ ତାଙ୍କର ଅନ୍ୟ ନାମ ଜଗଦ୍ଧାତ୍ରୀ। ସେ ବିକ୍ଷୁବ୍ଧତା ଓ ବିଚ୍ଛିନ୍ନତାକୁ ସୁସଂଶ୍ଳିଷ୍ଟ କରିଉଠାନ୍ତି। ତେଣୁ ଦୁର୍ଗାପୂଜା କେବଳ ମାତ୍ର ପୁଷ୍ପବିଲ୍ୱପତ୍ରର ପୂଜା ନୁହେଁ, ଏହା ମାନବତାର ଏକ ବିରାଟ ମିଳନ ଉତ୍ସବ। ପୂଜା ସମୟରେ ପ୍ରତିମାରେ ଚକ୍ଷୁଦାନ ଓ ପ୍ରାଣପ୍ରତିଷ୍ଠା କରାହୁଏ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ପ୍ରକୃତ ଚକ୍ଷୁଦାନ ହେଉଛି - ମୋର ଚକ୍ଷୁ ତାଙ୍କର ଚକ୍ଷୁରେ ଦାନ କରିବା। ମୋର ଚକ୍ଷୁ ଯେପରି ତାଙ୍କର ଚକ୍ଷୁ ହୋଇଉଠେ। ମା'ବ୍ୟକ୍ତି, ବିଷୟ ଓ ବ୍ୟାପାରକୁ ଯେଭଳି ଭାବରେ ଦେଖିବା ପସନ୍ଦ କରନ୍ତି ଆମ୍ଭେମାନେ ଯେଭଳି ସେହିଭାବରେ ଦେଖିବାରେ ଅଭ୍ୟସ୍ତ ହେବୁ। ଆଉ ପ୍ରାଣ ପ୍ରତିଷ୍ଠା ହେଉଛି ଦେବତାଙ୍କର ଦିବ୍ୟଗୁଣରାଜି ଅନୁଶୀଳନ ଭିତରେ ନିଜ ନିଜ ଚରିତ୍ରରେ ଫୁଟାଇ ଉଠାଇବା। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଭାବ ନାହିଁ, ମା'ଙ୍କୁ ବିଜୟା ଦଶମୀରେ ବିସର୍ଜନ ଦେଇଛ, ବରଂ ଭାବ, ଏହି ଦଶଭୁଜା, ଦଶପ୍ରହରଣ ଧାରିଣୀ, ଅସୁରଦଳନୀ ମା' ତୁମ ଠାରେ ଉତ୍ସୃଜିତ ହୋଇ ଜୀବନ୍ତ ଦୀପ୍ତିରେ ତୁମ ଜୀବନରେ ଜୀବନ୍ତ ହୋଇଉଠିଛନ୍ତି। ବିଜୟା ମା'ଙ୍କର ବିଲୟ ନୁହେଁ, ବିସର୍ଜନମାନେ ହେଉଛି ବିଶେଷ ବିସୃଷ୍ଟି।


+ ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭


# ଦୁର୍ଗେ ଦୁର୍ଗତି ନାଶିନୀ


ହେମନ୍ତ କୁମାର ପରିଡ଼ା






ମାନବ ନିଜର ଶାନ୍ତି ପାଇଁ ତଥା ସତ୍ ଉପାୟରେ ଟିକିଏ ଆନନ୍ଦ ପାଇଁ ତିଥି-ବାରକୁ ନେଇ ପାଳନ କରେ ଅନେକ ପର୍ବପର୍ବାଣି । ବର୍ଷର ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ପାଳିତ ହୁଏ ନିର୍ଦ୍ଦିଷ୍ଟପର୍ବ । ସେହିପରି ଦୁର୍ଗାପୂଜାର ତିଥି । କେଉଁ ପ୍ରାଚୀନକାଳରୁ ଅନୁଷ୍ଠିତ ହୋଇଆସୁଛି ଦୁର୍ଗାପୂଜା । ଦୁର୍ଗାପୂଜା କେତେକ ସ୍ଥାନରେ ଷୋହଳ ଦିନ ଧରି ପାଳିତ ହେଉଥିବାବେଳେ କେତେକ ସ୍ଥାନରେ ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ପାଞ୍ଚ ଦିନ ବ୍ୟାପୀ ପାଳିତହୁଏ । ଏହି ପାଞ୍ଚ ଦିନିଆପୂଜାରେ ବହୁ ବିଧି ଓ ନୀତିନିୟମ ଥିଲେ ହେଁ ସବୁରି ଭିତରେ ରହିଛି ଗୋଟିଏ ତାତ୍ତ୍ୱିକ ଓ ଗୂଢ଼ ରହସ୍ୟ । ସେ ସବୁକୁ ଗୋଟିଗୋଟିକରି ଆଲୋଚନା କରାଗଲେ ଏହି ସ୍ପଷ୍ଟୀକରଣ ମିଳିବ ଯେ ଦୁର୍ଗାପୂଜା ମାତୃଜାତିର ପୂଜା । ପ୍ରକୃତିରପୂଜା । ଦୁର୍ଗାଙ୍କ ନିକଟରେ ଥିବା ପାର୍ଶ୍ୱ ଦେବଦେବୀବୃନ୍ଦ ଆଉ କେହି ନୁହନ୍ତି; ସମସ୍ତେ ପ୍ରକୃତିର ଗୋଟିଏ ଗୋଟିଏ ଅଂଶ ।

ମା'ଦୁର୍ଗା ଅନେକ ନାମରେ ପରିଚିତା। ତାଙ୍କର ପ୍ରତି ଗୁଣ ଓ ବୈଶିଷ୍ଟ୍ୟର ଏକ ଏକ ନାମ ହୋଇଛି। ଯଥା ନାରାୟଣୀ, ଭଦ୍ରକାଳୀ, ହୈମବତୀ, ଈଶ୍ୱରୀ, ବୈଷ୍ଣବୀ ଓ ମାହେଶ୍ୱରୀ ପ୍ରଭୃତି। ତାଙ୍କର ବୀଜମନ୍ତ୍ର ହ୍ରିଂ, ମାନେ ଲଜ୍ଜା। ସେ ଭଗବତୀ ଦୁର୍ଗା। ଭଗ ଅର୍ଥ ଐଶ୍ୱର୍ଯ୍ୟ। ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ଯଶ, ଶ୍ରୀ, ଜ୍ଞାନ ଓ ବୈରାଗ୍ୟର ଏହି ଛଅଟି ଐଶ୍ୱର୍ଯ୍ୟର ନାମ ଭଗ। ଏହା ପୂର୍ଣ୍ଣମାତ୍ରାରେ ବିରାଜିତ ମା'ଭଗବତୀଙ୍କ ପାଖରେ। ମହାମାୟା ମାନେ ମହାପରିମାପନକର୍ତ୍ତ୍ରୀ। ବିଶ୍ୱର ପ୍ରତିଟି ବସ୍ତୁକୁ ସେ ପରିମାପିତ କରି ସୃଷ୍ଟି କରିଛନ୍ତି। ପୁରୁଷୋତ୍ତମ ଶ୍ରୀକୃଷ୍ଣ ଭଗବତ୍ ଗୀତାରେ ଉଲ୍ଲେଖ କଲେ - ଏହି ଯେଉଁ ମାୟା ଦେଖୁଛ, ମାୟାର ଯେଉଁ ଖେଳା ଦେଖୁଛ, ଏହି ମାୟାର ଅଧୀଶ କିନ୍ତୁ ମୁଁ। କୃଷ୍ଣ (ଈଶ୍ୱର) ସ୍ୱୀୟ ମାୟା ଶକ୍ତି ଦ୍ୱାରା ଜଗତ ପରିମାପିତ କରନ୍ତି। ମାୟା ମଧ୍ୟ ପ୍ରକୃତି। ଏହି ପ୍ରକୃତି ହେଉଛନ୍ତି ମା'ଦୁର୍ଗା।

ଓଡ଼ିଶାରେ ଶକ୍ତି ଉପାସନାର ପରମ୍ପରା ଅତ୍ୟନ୍ତ ପ୍ରାଚୀନ। ବସ୍ତୁତଃ ଓଡ଼ିଶାରେ ଶକ୍ତି ଉପାସନାର ପରମ୍ପରା ବହୁ ପ୍ରାଚୀନ ଓ ମହାନ। ରାଜ୍ୟର ପୁରପଲ୍ଲୀରେ ସର୍ବତ୍ର ଠାକୁରାଣୀ ବା ଗ୍ରାମଦେବୀ ବିରାଜମାନା। ଗ୍ରାମ ଓ ବସ୍ତିର ରକ୍ଷାକର୍ତ୍ତ୍ରୀ ରୂପେ ସେ ବିରାଜିତା ଓ ଆରାଧିତା। ପର୍ବପର୍ବାଣି, ବିବାହ ଉତ୍ସବ ସମେତ ସମସ୍ତ ପ୍ରକାର ଅନୁକୂଳବେଳେ ମା'ଙ୍କୁ ସ୍ମରଣ କରାଯାଏ। ସମଗ୍ର ଓଡ଼ିଶାରେ ହଜାର ହଜାର ଦେବୀ ପୂଜା ପାଆନ୍ତି ଏବଂ ସବୁଠାରୁ ଆଶ୍ୱିନ ମହାପୂଜାରେ ଦେବୀ ଆରାଧିତା।

ଆଜିର ଏ ଜଗତ ଭ୍ରଷ୍ଟାଚାର, ଦୂରାଚାର, ପାପାଚାର, ମିଥ୍ୟାଚାର ମଧ୍ୟରେ ଆଚ୍ଛନ୍ନ। ସମସ୍ତେ ପ୍ରାୟତଃ ମୋହ, ମଦିରାରେ ସଂଶ୍ଳିଷ୍ଟ ଓ ସମସ୍ତେ ସୁଖ ଖୋଜିବାରେ ବ୍ୟସ୍ତ। 'ଭୋଗ' ହିଁ ମଣିଷର ଶ୍ରେୟ ହୋଇଗଲାଣି। ଭୋଗ ହିଁ ପ୍ରତ୍ୟେକ ମଣିଷ ଚାହୁଁଛି। ଧୀରେ ଧୀରେ ପ୍ରତ୍ୟେକ ମଣିଷ ମଧ୍ୟରେ ଆସୁରିକ ସ୍ୱଭାବ ବସା ବାନ୍ଧିବାରେ ଲାଗିଛି। ତେଣୁ ଶେଷରେ ଏତିକି କହିବାକୁ ପଡ଼ିବ ଯେ - 'ହେ ମା ଦୁର୍ଗେ! ତୁମେ ମଣିଷ ମନରୁ ମିଥ୍ୟା, କ୍ରୋଧ, ଅଭିମାନ, ଅହଂଭାବ, ନାସ୍ତିକତା, ଆତ୍ମଗ୍ଲାନି, ଅସୂୟା, ଈର୍ଷା, ଦ୍ୱେଷଭାବ ଆଦି ଦୁର୍ଗୁଣ ଗୁଡ଼ିକୁ ଦୂର କର। ଏ ଜାତିର ଭାଷା, ସାହିତ୍ୟ, ସଂସ୍କୃତି ପ୍ରତି ଯେଉଁମାନେ ବିକାଶ କରିବାରେ ଆଗେଇ ଆସିଛନ୍ତି ତାଙ୍କ ମଧ୍ୟରେ ଏକ ମହନୀୟ ଗୁଣ ଉଦ୍ରେକ କର। ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ।


+ ମାଳତୀ କୁଞ୍ଜ, ପ୍ଲଟ ନଂ-୫୨୬ଡ଼ି,
ସେକ୍ଟର-୧୦, ସିଡ଼ିଏ, କଟକ,
ମୋ : ୮୭୬୩୧୦୭୧୨୬


# ପୂଜାରେ ଲାଲ ଧଳା ଶାଢ଼ିର ମହତ୍ତ୍ୱ


ଅପର୍ଣ୍ଣା ନାୟକ




ଦୁର୍ଗାପୂଜା ଅବସରରେ ମହିଳମାନେ ସାଧାରଣତଃ ଧଳାରଙ୍ଗରେ ଲାଲ ଧଡ଼ି ଥିବା ଶାଢ଼ି ପିନ୍ଧୁଥିବା ଦେଖିଥିବେ। ଖାସ କରି ବଙ୍ଗୀୟ ମହିଳାମାନେ ପୂଜାରେ ଏହି ଶାଢ଼ି ଅଧିକ ପିନ୍ଧନ୍ତି। ତେବେ ଏହା କେବଳ କ'ଣ ସୁନ୍ଦର ଦେଖାଯିବା ତଥା ଫ୍ୟାସନ ପାଇଁ ପିନ୍ଧାଯାଏ ନା ଏହା ପଛରେ ଅଛି ଅନ୍ୟ କିଛି କାରଣ, ଜାଣନ୍ତୁ ସେ ସମ୍ପର୍କରେ...

ଧଳାରଙ୍ଗରେ ଲାଲ ବର୍ଡ଼ର ଥିବା ଶାଢ଼ି କେବଳ ଫ୍ୟାସନ ଅବା ସୌନ୍ଦର୍ଯ୍ୟ ପାଇଁ ପିନ୍ଧାଯାଏ ନାହିଁ। ବରଂ ଏହା ପଛରେ ଗଭୀର ଧାର୍ମିକ, ସାଂସ୍କୃତିକ ଓ ଭାବନାତ୍ମକ ମହତ୍ୱ ରହିଛି। ଏଭଳି ଶାଢ଼ି ପିନ୍ଧିବା ପରମ୍ପରା ଖାସ କରି ପଶ୍ଚିମବଙ୍ଗ ଓ ପୂର୍ବ ଭାରତରେ ବହୁ ଲୋକପ୍ରିୟ। ଏଠାରେ ଏହା ଏକ ପରମ୍ପରା। ହେଲେ ଏବେ ସାରା ଭାରତରେ ଏହା ବେଶ ଲୋକପ୍ରିୟ ହୋଇଯାଇଛି। କହିବାକୁଗଲେ ଏହି ଶାଢ଼ି ପିନ୍ଧିବା ଏକ ଟ୍ରେଣ୍ଡ ପାଲଟିଗଲାଣି।

ଲାଲ ରଙ୍ଗକୁ ହିନ୍ଦୁଧର୍ମରେ ଶକ୍ତି, ଉର୍ଜ୍ଜା ଓ ସୌଭାଗ୍ୟର ପ୍ରତୀକ ଭାବେ ଗଣନା କରାଯାଏ। ଏହି ରଙ୍ଗ ଦେବୀ ଦୁର୍ଗାଙ୍କ କ୍ରୋଧ ଓ ଶକ୍ତିର ପ୍ରତିନିଧିତ୍ୱ କରିଥାଏ। ଅନ୍ୟପକ୍ଷେ ଧଳାରଙ୍ଗ ଶାନ୍ତି, ପବିତ୍ରତା ଓ ନାରୀତ୍ୱର ପ୍ରତୀକ। ଯେବେ ମହିଳାମାନେ ଦୁର୍ଗାପୂଜାରେ ଲାଲ ବର୍ଡ଼ର ଥିବା ଏହି ଧଳା ଶାଢ଼ି ପିନ୍ଧନ୍ତି, ଏହା ଦେବୀ ଦୁର୍ଗାଙ୍କର ଦୁଇ ରୂପ ଶାନ୍ତ ଓ ଶକ୍ତିର ପ୍ରତୀକ ହୋଇଯାଏ।

ପାରମ୍ପରିକ ଶାଢ଼ି : ଧଳାରଙ୍ଗରେ ଲାଲ ରଙ୍ଗର ଧଡ଼ିଥିବା ଏହି ଶାଢ଼ିକୁ ପଶ୍ଚିମବଙ୍ଗରେ 'ଲାଲପାଡ଼' ଶାଢ଼ି କୁହାଯାଏ। ଏହା ଏକ ପାରମ୍ପରିକ ପରିଧାନ, ଯାହାକୁ ଖାସି କରି ଦୁର୍ଗାପୂଜା, ସିନ୍ଦୂର ଖେଳ ଓ ଅଷ୍ଟମୀ ଦିନ ପିନ୍ଧାଯାଏ। ଏହାକୁ ସଂସ୍କୃତିରେ ପରିଚୟ ଭାବେ ବି ଗ୍ରହଣ କରାଯାଏ। ପୂଜା ସମୟରେ ଏହାକୁ ପିନ୍ଧିବା ଶୁଭ ବୋଲି ମଣାଯାଏ। ତେଣୁ ପୂଜା ପାଠ, ବିବାହ ଭଳି ଅବସରରେ ଏହି ଶାଢ଼ି ପିନ୍ଧାଯାଏ। ଏହି ଶାଢ଼ି ପ୍ରଥମେ ହାତରେ ବୁଣା ଯାଉଥିଲା, ଯାହାକୁ କଟନ କିମ୍ବାରେଶମରେ ତିଆରି କରାଯାଉଥିଲା। ଏହାକୁ ପିନ୍ଧିବା ଭାରି ଆରାମଦାୟକ।

ଦୁର୍ଗାପୂଜା ଶେଷ ଦିନ ଅର୍ଥାତ୍ ବିଜୟା ଦଶମୀରେ ମହିଳମାନେ ସିନ୍ଦୂର ଖେଳ ଖେଳନ୍ତି। ଏହି ଅବସରରେ ମହିଳମାନେ ଲାଲ ଧଡ଼ି ଥିବା ଏହି ଶାଢ଼ି ପିନ୍ଧନ୍ତି ଓ ମହିଳାମାନେ ପରସ୍ପରକୁ ସିନ୍ଦୂର ଲଗାନ୍ତି। ଏହି ପରମ୍ପରା ସୌଭାଗ୍ୟ, ଏକତା ଓ ଦେବୀଙ୍କ ଆଶୀର୍ବାଦର ପ୍ରତୀକ। ଏକ ପ୍ରକାର ଶାଢ଼ି ପିନ୍ଧିଲେ ସାମୂହିକତା ଓ ଉତ୍ସବର ଭାବ ପ୍ରବଳ ହୋଇଥାଏ। ଏହି ଶାଢ଼ି ନାରୀତ୍ୱ, ଶ୍ରଦ୍ଧା ଓ ଭାରତୀୟତାର ପ୍ରତୀକ ମଧ୍ୟ। ଏହା କେବଳ ଧାର୍ମିକ ପରିଧାନ ନୁହେଁ, ବରଂ ଏକ ଭାବନାତ୍ମକ ସମ୍ପର୍କ ବି ରହିଛି ଏହାସହ, ଯାହା ପିଢ଼ି ପରେ ପିଢ଼ି ଚାଲିଆସୁଛି।


+ ମେନ ସାଗର ପାନ ରୋଡ଼, ନଂ-୩, ବାଲାଜୀ
ଡିପାର୍ଟମେଣ୍ଟାଲ ଷ୍ଟୋର, ନୂଆଦିଲ୍ଲୀ, ପିନ-୧୧୦୦୪୬




# ଦେବୀ ମା' ଆସିଛନ୍ତି


କୁଞ୍ଜ ବିହାରୀ ସାହୁ


ଅଶିଣ ମାସରେ ଶରତକାଳ ଯେ
କରିଲାଣି କେତେ ମଜା,
ଯୁଆଡ଼େ ଦେଖିବ ସିଆଡ଼େ ହେଲାଣି
ଦେବୀ ମଣ୍ଡପଟି ସଜ୍ଜା।

ବାଜା ବାଜିଲାଣି ଗୀତ ଶୁଭିଲାଣି,
ଶୁଭିଲାଣି ମନ୍ତ୍ର ପାଠ,
ପିଲାଏ କଲେଣି ଗହଳିଚହଳି
ଦେବୀ ଦେଖିବାର ବାଟ।

ନାହିଁ ଟାଣ ଖରା ତଥାପି ଲାଗୁଛି
କାଳେ ହୋଇଯିବ ମେଘ
ସବୁ ବରଷରେ ବରଷା ହୁଅଇ
ବଢଇ ପବନ ବେଗ ।

ଦୁର୍ଗତିନାଶିନୀ ମା ଦଶଭୁଜା
ପାଦ ଥୋଇଲେଣି ଧାମେ,
ଦର୍ଶନ କରିଲେ ଆଶିଷ ମିଳିବ
ଧନ୍ୟ ହୋଇଯିବୁ ଆମେ ।

ଦୁର୍ଗା ମା'ଙ୍କର ଆଶିଷ ଲଭିଲେ
କମଲଲୋଚନ ରାମ
ରାବଣ ବଧିଲେ ସୀତାଙ୍କୁ ପାଇଲେ
ଫେରିଲେ ଅଯୋଧ୍ୟା ଧାମ ।

ଦଶହରା ପରା ବିଜୟଦଶମୀ
କଥା ରହିଅଛି ପରା ।
ଦେବୀ ଦୁର୍ଗାଙ୍କର ବନ୍ଦନା ଗାଇକି
ହସି ହସେଇବା ଧରା ।


+ ପାତ୍ରପଡା, ଭୁବନେଶ୍ୱର
ମୋ: ୭୦୦୮୧୪୨୦୪୦


# ମାଆଙ୍କ ନାମ ଦୁର୍ଗା




ସୁଧାଂଶୁ ଶେଖର ଦ୍ୱିବେଦୀ


ସୃଷ୍ଟି ନିର୍ମାଣ ବେଳେ ଆଦିଶକ୍ତି ରୂପେ ଦେବୀଙ୍କ ଶକ୍ତି ଓ ମହତ୍ତ୍ୱକୁ ଦେବତାମାନେ ସ୍ୱୀକାର କରିଛନ୍ତି।ଆଦି କାଳରୁ ଯେବେ ଯେବେ ଆସୁରୀ ଶକ୍ତି ବିଧ୍ୱଂସକାରୀ ରୂପ ଧାରଣ କରିଛି ସେମାନଙ୍କର ବିନାଶ ପାଇଁ ନାରୀ ଶକ୍ତି ଅବତରଣ ହୋଇଛି। ପୌରାଣିକ କଥା ଅନୁସାରେ ସୃଷ୍ଟିର ସରଳ ସଂଚାଳନ ନିମନ୍ତେ ଅନେକ ବାଧା ବିଘ୍ନ ଘଟିଛି। ସେସବୁ ବାଧା ବିଘ୍ନକୁ ଦୂର କରିବା ଲାଗି ଦେବୀମାନେ ସହାୟକ ହୋଇଛନ୍ତି। ସେ ସମୟରେ ବ୍ରହ୍ମାଣ୍ଡିୟ ପ୍ରଭାବକୁ ନିଜର ଆୟତାଧୀନ କରିବା ଲାଗି ଦେବ ଓ ଦାନବଙ୍କ ମଧ୍ୟରେ ବାରମ୍ବାର ଯୁଦ୍ଧ ହେଉଥିଲା। ଯୁଦ୍ଧରେ କେବେ ଦେବତାମାନେ ତ କେବେ ଦାନବମାନେ ବିଜୟୀ ହେଉଥିଲେ। ଏହି କ୍ରମରେ ଥରେ ଦାନବ ବଂଶରେ ରୁରୁ ଦୈତ୍ୟର ପୁତ୍ର ଦୁର୍ଗମାସୁର ରାଜା ହେଲା। ଯିଏ ନିଜର ପ୍ରଚଣ୍ଡ ପରାକ୍ରମରେ ତିନିଲୋକ ଅଧିକାର କରିନେଲା। ଦୁର୍ଗମାସୁର ବ୍ରହ୍ମାଙ୍କୁ କୋଠର ତପସ୍ୟା କରି ଅପରାଜୟ ମହାଶକ୍ତି ପ୍ରାପ୍ତ କରିନେଲା। କିନ୍ତୁ ଆମରତା ବର ମାଗିବାରୁ ବ୍ରହ୍ମା ତାହା ପ୍ରଦାନ କରିପାରିବେ ନାହିଁ ବୋଲି ଜଣାଇଲେ। କାରଣ ମର୍ତ୍ତ୍ୟ ଲୋକରେ ଜନ୍ମ ମାନେ ହିଁ ମୃତ୍ୟୁ। ସେଥିପାଇଁ ଅମରତା ବର ପ୍ରଦାନ କରିବା ଅସମ୍ଭବ। ବ୍ରହ୍ମା ବାରମ୍ବାର ମନା କରିବା ସତ୍ତ୍ୱେ ଦୁର୍ଗମାସୁର ଏକ ଉପାୟ ଚିନ୍ତାକରି କେବଳ କୁମାରୀ କନ୍ୟା ତାକୁ ବଦ୍ଧ କରିବାରେ ସକ୍ଷମ ହେବେ ବୋଲି ବର ମାଗିଲା। ବ୍ରହ୍ମା ତା' ମାଗୁଣିରେ ପ୍ରସନ୍ନ ହୋଇ ବର ପ୍ରଦାନ କଲେ ସତ କିନ୍ତୁ ସେଭଳି ଶକ୍ତିଶାଳୀ କୁମାରୀ କନ୍ୟା ସୃଷ୍ଟି କରିବା ତାଙ୍କ ପାଇଁ ସନ୍ଦେହ ଜନକ ଥାଏ।



ଦୁର୍ଗମାସୁର ତିନିଲୋକ ପରାଜିତ କରି ଚାରି ବେଦକୁ ଚୋରାଇ ନେଲା। ମୁନି ଋଷିଗଣ ବେଦ ପାଠ କି ମନ୍ତ୍ର ଉଚ୍ଚାରଣ କରି ପାରିଲେ ନାହିଁ। ଦେବଗଣଙ୍କର ଶକ୍ତି କ୍ଷୀଣ ହେବା ସହିତ ନିରାଶ୍ରିତ ହୋଇଗଲେ। ଶେଷରେ ସହାୟତା ମାଗିବାକୁ ବ୍ରହ୍ମାଙ୍କ ନିକଟରେ ପହଞ୍ଚିଲେ। ବ୍ରହ୍ମାଙ୍କ ବରରେ ଦୁର୍ଗମାସୁର ଶକ୍ତିଶାଳୀ ହୋଇଛି ବୋଲି ସେ ସ୍ୱୀକାର କରି ଜଣେ ଦିବ୍ୟ କନ୍ୟା ସୃଜନ କରିବାକୁ ପରାମର୍ଶ ଦେଲେ। ବ୍ରହ୍ମାଙ୍କ ଆହ୍ୱାନରେ ମହାଦେବ ମହେଶ୍ୱର, ଶ୍ରୀ ବିଷ୍ଣୁ ସମେତ ବ୍ରହ୍ମାଣ୍ଡର ସମସ୍ତ ଦେବ ଦେବୀ ଏକତ୍ରିତ ହେଲେ। ବ୍ରହ୍ମା, ବିଷ୍ଣୁ, ମହେଶଙ୍କ ତ୍ରିଶକ୍ତି ସମିଶ୍ରଣରେ ଏକ ଅଦ୍ୱିତୀୟ ଶକ୍ତିପୁଞ୍ଜ ଉତ୍ପନ୍ନ ହେଲା। ଉକ୍ତ ଦିବ୍ୟପୁଞ୍ଜକୁ ସମସ୍ତ ଦେବୀ ଦେବତା ନିଜ ନିଜର ଶକ୍ତି ଏବଂ ଆୟୁଧ ପ୍ରଦାନ କଲେ। ପରେ ପରେ ସେହି ଦିବ୍ୟପୁଞ୍ଜ ଜଣେ ଅଦ୍ଭୁତ କନ୍ୟା ରୂପରେ ସାକାର ହେଲେ।

ଦୁର୍ଗମାସୁର ଏଭଳି ଚମତ୍କାର ବିଷୟରେ ଜାଣି ତୁରନ୍ତ ନିଜର ସେନା ସହିତ ଦେବୀଙ୍କ ସହିତ ଯୁଦ୍ଧ କରିବାକୁ ପହଞ୍ଚି ଗଲା। ଯୁଦ୍ଧରେ ଦେବୀଙ୍କ ଶକ୍ତି ଏବଂ ମହାଶକ୍ତିର ମିଳିତ ସଂଘର୍ଷରେ ଦୁର୍ଗମାସୁରର ସମସ୍ତ ସେନା ଧରାଶାୟୀ ହୋଇଗଲେ। ଦେବୀ ତ୍ରିଶୂଳ ଦ୍ୱାରା ଦୁର୍ଗମାସୁରକୁ ନାଶ କରି ବେଦକୁ ପୁନଃ ପ୍ରାପ୍ତ କରି ବ୍ରହ୍ମାଣ୍ଡରେ ଧର୍ମ ଏବଂ ସନ୍ତୁଳନ ସ୍ଥାପନା କଲେ। ଦେବତାମାନେ ଦେବୀ କନ୍ୟାର ପରାକ୍ରମରେ ସନ୍ତୁଷ୍ଟ ହୋଇ ଚରଣ ବନ୍ଦନା କରି ତାଙ୍କ ମହତ୍ତ୍ୱକୁ ସ୍ୱୀକାର କରାଇଲେ। ଦୈତ୍ୟ ଦୁର୍ଗମାସୁରକୁ ବଦ୍ଧ କରିଥିବାରୁ ଆଦିମାତା ଦେବୀଙ୍କର ସେହି ରୂପକୁ ସଂସାରରେ ଦୁର୍ଗା ନାମରେ ନାମିତ କରାଗଲା।


+ ବିସି-୭୪,ସଲ୍ଟ ଲେକ୍,କଲକତା-୬୪
ମୋ-୯୬୮୧୩୭୩୫୧୨



# ଫୁଲଝରି







## ରସଗୋଲା



ନଗେନ୍ଦ୍ର ନାଥ ପଟ୍ଟନାୟକ



ଗୋଟେ ଗାଆଁରେ ଥିଲା ଜଣେ ଜମିଦାର। ସେ ଖୁବ୍ ପରିଶ୍ରମୀ। କିନ୍ତୁ ସେ ଏକଦମ୍ ସାଦାସିଧା । ସରଳ ଜୀବନ ଯାପନ କରୁଥିଲା । ଜୀବନରେ ଗୁଡତିଆରି ହାଲୁଆ ଛଡା ଅନ୍ୟମିଠା ଖାଉ ନ ଥିଲା । ଦିନକର କଥା, ଖିଆପିଆ ସାରି ଜମିଦାରର ଜଣେ ଚତୁର ଚପରାସୀ ତା' ଆଗରେ ରସଗୋଲା ବାଢିଦେଲା । ରସଗୋଲା ଉପରେ ଆଖି ପଡିଯିବାରୁ ଜମିଦାର ଚପରାସୀକୁ ପଚାରିଲା-'ଏଟା କ'ଣ କିରେ ?' ଚାଲାକ ଚପରାସୀ କହିଲା -'ମାଲିକ ! ଏଟା ଖୁବ୍ ଦାମିକା ମିଠେଇ,ଏକୁ ରସଗୋଲା କହନ୍ତି ।' 'ଯାର ତ ଚେରଯୁକ୍ତ ଚାରା ଥିବ ନା ! ଯେଉଁଥିରୁ ଇଏ ମୁଣ୍ଡଟେକି ଉପରକୁ ଉଠୁଥିବ।' ଜମିଦାର ଉତ୍‌କଂଠାର ସହ ପଚାରିଲା ।'ମତେ ଯାର ଚେର ବାବଦରେ ବତେଇଦେ...।' ଜମିଦାର ବ୍ୟଗ୍ର ହୋଇ କହିଲା । ଏକଥା ଶୁଣିସାରି ଚାଲାକ ଚପରାସୀ ମନରେ ଲୋଭ ଜାଗି ଉଠିଲା । ସେ କହିଲା-'ଏଥିରେ ଖୁବ୍ ଧନ ଲାଗିବ । ଆପଣ ବହୁତ ଧନ ଦେଲେ ମୁଁ ଖୋଜାଲୋଡା କରିବି ।' ଠିକ୍ ଏତିକିବେଳେ ଜମିଦାର କିଶୋର ପୁଅ କାନରେ ଏକଥା ବାଜିବାରୁ ସେ ଆଉଜଣେ ନୂଆ ଚପରାସୀଙ୍କ ଦ୍ୱାରା ରସୋଗୋଲା ଚେର ବାବଦରେ କିଛି କହିଲା। ଘରେ କେହିଜଣେ ମଧ ତା'ର ସେ ପ୍ରଶ୍ନର ଉତର ଦେଇପାରିଲେ ନାଇଁ । ସଙ୍ଗେ ସଙ୍ଗେ ସେ ବାପାଙ୍କ ନିକଟକୁ ଛୁଟିଯାଇ କହିଲା -'ବାପା !ଏଟା ହେଉଚି ରସଗୋଲା।' ଜମିଦାର କହିଲା,'ହଁ-ହଁ ପୁଅ! ମତେ ସେକଥା ବେଶ୍ ଜଣା । କିନ୍ତୁ ଇଏ ଯୋଉ ଚାରାଗଛରୁ ଆସିଚି ତା'ର ଚେର ବାବଦରେ ଜାଣିବାକୁ ଇଛା କରୁଛି ।' ଜମିଦାରର ଚାଲାକ ସେବକ ପୁଅକୁ ପଚାରିଲା-'କ'ଣ ତୁମେ ପରା ରସଗୋଲାର ଚେର ବାବଦରେ ଜାଣିଛ ?' 'ହଁ ,ଜାଣିଚି ଯେ !' କହି ଜମିଦାରର ପୁଅ ଜମିଦାର ଆଡକୁ ମୁହଁ ବୁଲେଇ ଆଣିଲା। କହିଲା -'ବାପା ! ହେଇ ଦେଖ ।' 'ମୁଇଁ ଏ ପାତ୍ରଟିରେ ରସଗୋଲା ଚେର ନେଇକରି ଆସିଚି' କହି ପୁଅ ପାତ୍ର ଉପରେ ଢଙ୍କା ହୋଇଥିବା ଲାଲ ମଖମଲ ରେଶମୀ କପଡାକୁ ହଟେଇଦେଲା । ଜମିଦାର ଆଉ ସେବକ ଦୁହେଁ ଚମକି ପଡିଲେ । ଏବେ ଏତେଗୁଡ଼େ କଥା ଜମିଦାର ମୁଣ୍ଡକୁ ମୋଟେ ଢୁକୁ ନଥାଏ । ସେ ଜଣ ଜଣ କରି ସେବକ ଆଉ ପୁଅକୁ ପଚାରିଲା -'ଓହୋ ! ମୁଁ ଆଚମ୍ୱିତ ହେଉଚି । ତେବେ ଏସବୁ କ'ଣ ? 'ପୁଅ କହିଲା -'ବାପା ! ପ୍ରତିଟି ମିଠେଇ ଚିନି ଅବା ଗୁଡରେ ତିଆରି ହୁଏ । ଚିନିତ ଗୁଡରୁ ପ୍ରସ୍ତୁତ ହୁଏ । ସେମିତି ଆଖୁ ହେଉଚି ରସଗୋଲାର ଜଡ । ଏହାପରେ ପୁଅ ଆଉରି କହିଲା-'କ୍ଷୀର ଛେନାରୁ ମଧ ରସୋଗଲା ବନା ହୁଏ । ପୁଅ ତୁଣ୍ଡରୁ ପ୍ରଶ୍ନର ଉତର ଶୁଣିସାରି ଜମିଦାର ଠୋ ଠୋ ହୋଇ ହସି ଚପରାସୀ ଆଡେ ମୁହଁ ଫେରାଇ ଆଣିଲା । ସେତେବେଳେ ଚପଚାସୀ ଲଜା ସରମରେ ଜଡସଡ ହୋଇଗଲା ।

+ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡିଶା ସରକାର
ଓସ୍କାର ସିଟି, ଲକ୍ଷମୀସାଗର କେନାଲ ରୋଡ୍
ଭୁବନେଶ୍ୱର, ମୋ-୯୪୩୮୩୩୨୧୩୮

## ବିଜ୍ଞାନ ଗବାକ୍ଷ-୨୦

କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ



## ଆମ ବିଜ୍ଞାନ ଶିକ୍ଷାର ଗତି କୁଆଡ଼େ ?

ବିଭିନ୍ନ ସଭା ସମିତିରେ ବେଳେ ବେଳେ ଗୋଟେ ପ୍ରଶ୍ନ ମୋ ସାମ୍ନାକୁ ଆସେ। ପ୍ରଥମ ପ୍ରଶ୍ନଟି ବିଶ୍ୱ ପ୍ରସିଦ୍ଧ ନୋବେଲ ପୁରସ୍କାରକୁ ନେଇ। ପ୍ରଶ୍ନ: ସ୍ୱାଧୀନତା ପରେ ଆମ ଦେଶରେ ବିଜ୍ଞାନ କ୍ଷେତ୍ରରେ କେହି ନୋବେଲ ପୁରସ୍କାର ପାଉନାହାଁନ୍ତି କାହିଁକି ? ଦ୍ୱିତୀୟ ପ୍ରଶ୍ନଟି କେବଳ ମୋତେ ନୁହେଁ, ସାରା ଦେଶର ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ବୈଜ୍ଞାନିକମାନଙ୍କୁ: ମୌଳିକ ବିଜ୍ଞାନ କ୍ଷେତ୍ରରେ ଆନ୍ତର୍ଜାତିକ ସ୍ତରରେ ଭାରତୀୟ ବୈଜ୍ଞାନିକଙ୍କ ସଂଖ୍ୟା ନଗଣ୍ୟ କାହିଁକି ?



ପ୍ରଥମ ପ୍ରଶ୍ନର ଉତ୍ତର ସହଜ। ସ୍ୱାଧୀନତା ପରେ ମଦର ତେରେସା ଓ କୈଳାସ ସତ୍ୟାର୍ଥୀ ଜନସେବା ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ନୋବେଲ ପୁରସ୍କାର ପାଇଛନ୍ତି। ଭାରତ ଜନ୍ମିତ ବା ଭାରତୀୟ ବଂଶୋଦ୍ଭବ ଅନେକ ବୈଜ୍ଞାନିକ ଓ ଅର୍ଥନୈତିକ ମଧ୍ୟ ନୋବେଲ ପୁରସ୍କାର ପାଇଛନ୍ତି। ମାତ୍ର ସେମାନେ ଭାରତୀୟ ନାଗରିକ ନୁହନ୍ତି।

ଦ୍ୱିତୀୟ ପ୍ରଶ୍ନଟି ଜଟିଳ। ମୌଳିକ ବିଜ୍ଞାନ କ୍ଷେତ୍ରରେ ଭାରତରେ ଗବେଷଣା ହେଉନି, ସେ କଥା ନୁହେଁ। ପ୍ରତିବର୍ଷ ଆମ ଦେଶର ଗବେଷକମାନେ ଆନ୍ତର୍ଜାତିକ ଜର୍ଣ୍ଣାଲରେ କୁଡ଼ କୁଡ଼ ଗବେଷଣା ସନ୍ଦର୍ଭ ପ୍ରକାଶ କରୁଛନ୍ତି। ତା ସତ୍ତ୍ୱେବ ମୌଳିକ ବିଜ୍ଞାନ କ୍ଷେତ୍ରରେ ଆମ ଦେଶର ବୈଜ୍ଞାନିକ ଓ ଗବେଷକମାନଙ୍କର ବେଶି ପ୍ରଭାବ ନାହିଁ। ଅବଶ୍ୟ ନୋବେଲ ପୁରସ୍କାର ନ ପାଇବାର ଅନେକ କାରଣ ଅଛି ଯେଉଁଥିରେ "ଯୋଗ୍ୟ ବିବେଚିତ ହେବାର ପ୍ରଣାଳୀ" ଆମ ଦେଶର ବୈଜ୍ଞାନିକଙ୍କୁ ଶୀର୍ଷ ସୂଚିରେ ଆଣେନି।

ଜଣେ ବୈଜ୍ଞାନିକ ହିସାବରେ ମୁଁ ଆମ ଦେଶର ବିଭିନ୍ନ ଗବେଷଣା କେନ୍ଦ୍ରରେ କାମ କରୁଥିବା ବନ୍ଧୁମାନଙ୍କ ସହିତ କଥାବାର୍ତ୍ତା ହୋଇଛି। ମହାକାଶ ବିଜ୍ଞାନ, ପରମାଣବିକ ଶକ୍ତି ବିଜ୍ଞାନ, କୃଷି ବିଜ୍ଞାନ ଓ ପ୍ରତିରକ୍ଷା ଗବେଷଣା କ୍ଷେତ୍ରରେ ଆମ ଦେଶ ଉନ୍ନତ ଦେଶମାନଙ୍କ ସହିତ ସମକକ୍ଷ। ମୌଳିକ ବିଜ୍ଞାନ ଗବେଷଣାରେ ଆମ ଦେଶ ଅନୁନ୍ନତ କହିଲେ ଅତ୍ୟୁକ୍ତି ହେବନାହିଁ।

ମୌଳିକ ବିଜ୍ଞାନ କ୍ଷେତ୍ରରେ ଉନ୍ନତ ଗବେଷଣା ନହେବା ବା ମୌଳିକ ବିଜ୍ଞାନକୁ ନିଜ ଲକ୍ଷ୍ୟରେ ନରଖିବା ଆମ ବିଜ୍ଞାନ ଶିକ୍ଷାର କିଛି ମୌଳିକ ଅଭାବ ଓ ତ୍ରୁଟିକୁ ଦର୍ଶାଉଛି।

ଅନେକ ବର୍ଷ ତଳ କଥା କହୁଛି। ଗାଁ ସ୍କୁଲର ବିଜ୍ଞାନ ଶିକ୍ଷକ ବହିକୁ କେବଳ ପଢ଼ି ଦେଉଥିଲେ। ଆମେ ପାଠକୁ ମୁଖସ୍ତ କରି ପରୀକ୍ଷାରେ ଭଲ କରୁଥିଲୁ। ମୁଁ ହାଇସ୍କୁଲ ପାଠ କଟକର ଏକ ପୁରୁଣା ବିଖ୍ୟାତ ସ୍କୁଲରେ ପଢ଼ିଥିଲି। ସ୍କୁଲ ପାଠ ସରିଲା ଭିତରେ ବିଜ୍ଞାନ ସାର୍ କେବଳ "ଅମ୍ଳଜାନ ଗ୍ୟାସ୍" ପ୍ରସ୍ତୁତ ପ୍ରଣାଳୀ ଆମ ପ୍ରୟୋଗଶାଳାରେ ଦେଖାଇଥିଲେ ଯାହାକି ମୋ ଲାଗି ଏକ ଅବିସ୍ମରଣୀୟ ଘଟଣା ଥିଲା ଏବଂ ମୁଁ ସ୍ଥିର କରିଥିଲି ବିଜ୍ଞାନ କ୍ଷେତ୍ରରେ ମୁଁ ଗବେଷଣା କରିବି। ମୁଁ ଜଣେ ବୈଜ୍ଞାନିକ ହେଲି ସତ, ମୌଳିକ ବିଜ୍ଞାନ କ୍ଷେତ୍ରରେ ନୁହେଁ, ମହାକାଶ ବିଜ୍ଞାନ କ୍ଷେତ୍ରରେ।

ବିଜ୍ଞାନ ଶିକ୍ଷାରେ ଗଲା ପଚାଶ ଷାଠିଏ ବର୍ଷରେ କିଛି ପରିବର୍ତ୍ତନ ଘଟିଛି କ? ପରିବର୍ତ୍ତନ ଘଟିଛି ନିଶ୍ଚୟ। ସ୍ମାର୍ଟ ସ୍କୁଲ, ସ୍ମାର୍ଟ ଶ୍ରେଣୀଗୃହ, ପ୍ରଶିକ୍ଷିତ ଶିକ୍ଷକ, ସରକାରଙ୍କ ପ୍ରୋତ୍ସାହନ, ଘରୋଇ ବିଦ୍ୟାଳୟଙ୍କ ଅଭ୍ୟୁଦୟ- ପରିବର୍ତ୍ତନଙ୍କ ସଂଖ୍ୟା ଅନେକ। ମାତ୍ର ମୌଳିକ ବିଜ୍ଞାନ ଶିକ୍ଷା ଦିଗହରା।

ଗୋଟେ ସମୟ ଥିଲା ବାପା ମା'ମାନେ ତାଙ୍କ ପିଲାଙ୍କୁ ଡାକ୍ତର କିମ୍ବା ଇଂଜିନିୟର ହେବାକୁ ଚାହୁଁଥିଲା। ଲକ୍ଷ୍ୟଥିଲା ଆଇ.ଆଇ.ଟି., ଏନ.ଆଇ.ଟି କିମ୍ବା ସେହିପରି କିଛି ଭଲ ସଂସ୍ଥା। ଯଦିଓ ଏବେ ସେ ଆଭିମୁଖ୍ୟରେ କିଛି ପରିବର୍ତ୍ତନ ଘଟିଛି। ତାହା ଆଖିଦୃଶିଆ ନୁହେଁ। ଭଲ ଛାତ୍ରଛାତ୍ରୀ ମୌଳିକ ଗବେଷଣା ଲାଗି ଆଗ୍ରହୀ ନହେଲେ ଆମ ଦେଶରେ ବିଜ୍ଞାନ କ୍ଷେତ୍ରରେ ଆଗକୁ ଯିବ କିପରି ?

ବର୍ତ୍ତମାନର ଯୁଗ ପ୍ରତିଯୋଗିତାର ଯୁଗ। ମାତ୍ର ଉପଯୁକ୍ତ ବିଜ୍ଞାନ ଶିକ୍ଷା ବା ପ୍ରୟୋଗମୂଳକ ବିଜ୍ଞାନ ଶିକ୍ଷା ଆମ ଅଗଣିତ ଛାତ୍ରଛାତ୍ରୀଙ୍କୁ ମଧ୍ୟରୁ ଅନେକ ରମଣ, ବୋଷ ଓ କଲାମ ବାହାର କରିପାରନ୍ତା।

(କ୍ରମଶଃ)

+ ପ୍ରାକ୍ତନ ମହାକାଶ ବିଜ୍ଞାନୀ ଓ ଲେଖକ
ମୋ: ୯୯୩୮୭୬୯୯୦୮

## ରାଜୁର ଭକ୍ତି ଓ ମା' ଦୁର୍ଗାଙ୍କ ଆଶୀର୍ବାଦ



ସୁବ୍ରତ କୁମାର ଦାସ



ଦୁର୍ଗାପୁର ଗାଁରେ ରାଜୁ ଖୁବ୍ ଚତୁର ଓ ଦୟାଳୁ ଥିଲା। ଦଶହରା ଆସିଲେ ତା' ମନ ଆନନ୍ଦରେ ନାଚି ଉଠୁଥିଲା। ପାଖ ଗାଁର ବଙ୍ଗାଳୀ ପରିବାର ରେ ଖୁବ୍ ସୁନ୍ଦର ଭାବରେ ପୂଜା ପ୍ରତିବର୍ଷ କରନ୍ତି।ପୂଜା ମଣ୍ଡପ ଗୁଡ଼ିକ ରଙ୍ଗିନ ଆଲୋକରେ ସଜେଇ ହୁଏ। ମାଇକ, ଘଣ୍ଟ, ଢୋଲ, ମହୁରୀର ଧ୍ୱନି ରେ ଚାରିଆଡ଼େ ଉତ୍ସବର ମାହୋଲ ଖେଳି ଯାଉଥିଲା। ରାଜୁ ପ୍ରତିଦିନ ସନ୍ଧ୍ୟାରେ ମାଆ ଦୁର୍ଗାଙ୍କ ଦର୍ଶନ କରିବାକୁ ଯାଉଥିଲା। ଦିନେ ସେ ତା' ମାଆଙ୍କୁ ପଚାରିଲା, ମା' , ଦୁର୍ଗାପୂଜାରେ ଆମେ ମାଆଙ୍କୁ ଏତେ ଫୁଲ, ଧୂପ ଓ ଦୀପ ଦେଉଛୁ। ମାଆ ଦୁର୍ଗା କ'ଣ ଏସବୁ ଦେଖି ଖୁସି ହୁଅନ୍ତି ? ମା ହସିଦେଇ କହିଲେ, "ହଁରେ ଧନ! କିନ୍ତୁ ମା' ଦୁର୍ଗା କେବଳ ଫୁଲ ଓ ଧୂପରେ ଖୁସି ହୁଅନ୍ତି ନାହିଁ। ଯିଏ ଅନ୍ୟର ଦୁଃଖ ବୁଝେ, ଅସହାୟଙ୍କୁ ସାହାଯ୍ୟ କରେ ଓ ସତ୍ ପଥରେ ଚାଲେ, ମାଆ ତା' ଉପରେ ଅଧିକ ପ୍ରସନ୍ନ ହୁଅନ୍ତି। ମାଆଙ୍କ କଥା ରାଜୁ ମନକୁ ପାଇଲା । ତା ପରଦିନ ସନ୍ଧ୍ୟାରେ ସେ ନୂଆ ପୋଷାକ ପିନ୍ଧି ମା ଙ୍କୁ ଦର୍ଶନ କରିବା ପାଇଁ ଯାଉଥିଲା। ରାସ୍ତାରେ ଦେଖିଲା, ଜଣେ ବୁଢ଼ୀ ସଡ଼କ କଡ଼ରେ ବସି କାନ୍ଦୁଛି। ତା ହାତରେ କିଛି ଫୁଲ ଥିଲା। ରାଜୁ ତା ପାଖକୁ ଯାଇ ପଚାରିଲା। ମାଉସୀ, ତୁମର କ'ଣ ହୋଇଛି ? ବୁଢ଼ୀଟି କହିଲେ, ପୁଅରେ, ମୋ ଗୋଡ଼ରେ ବହୁତ କଷ୍ଟ ହେଉଛି। ମୁଁ ମାଆ ଙ୍କ ପାଖକୁ ଯାଇପାରୁନି।ମା' ଦୁର୍ଗାଙ୍କୁ ଅର୍ପଣ କରିବାକୁ କିଛି ଫୁଲ ଆଣିଥିଲି କିନ୍ତୁ ଚାଲିବା ସମୟରେ ମୋ ଗୋଡ଼ରେ ଆଘାତ ଲାଗି ମୁଁ ଆଉ ଯାଇ ପାରୁନି। ରାଜୁ ତାକୁ ଜଣେ ପଥଚାରୀ ଙ୍କ ସାହାଯ୍ୟରେ ଧୀରେ ଧୀରେ ଉଠାଇଲା। ପାଖରେ ଥିବା ଗଛମୂଳେ ବସାଇଲା ଏବଂ ଘରକୁ ନେଇ ଯିବାର ବ୍ୟବସ୍ଥା କଲା। ଏତକରେ ତା'ର ଦୂର୍ଗା ମଣ୍ଡପରେ ପହଞ୍ଚିବାକୁ ଡେରି ହୋଇ ଯାଇଥିଲା । ପୂଜା ମଣ୍ଡପରେ ପହଞ୍ଚିବା ପରେ ରାଜୁ ଦେଖିଲା, ଅନେକ ପିଲା ମାଆଙ୍କୁ ଫୁଲ ଅର୍ପଣ କରୁଛନ୍ତି। ତା' ପାଖରେ କିନ୍ତୁ ଆଉ ଫୁଲ ନଥିଲା। ସେ ମନେ ମନେ ଭାବିଲା, ମୁଁ ତ ମାଆଙ୍କୁ ଫୁଲ ଦେଇ ପାରିଲି ନାହିଁ! ଏହି ସମୟରେ ମନ୍ଦିରର ପୂଜକ ତାକୁ ଡାକି କହିଲେ, ରାଜୁ, ଆଜି ତୁମେ ମାଆଙ୍କୁ ସବୁଠାରୁ ସୁନ୍ଦର ଭୋଗ ଦେଇଛ। ରାଜୁ ଆଶ୍ଚର୍ଯ୍ୟ ହୋଇ ପଚାରିଲା, ମୁଁ କ'ଣ ଦେଇଛି, ନନା ? ପୂଜକ ହସି କହିଲେ, ତୁମେ ଜଣେ ଅସହାୟ ମଣିଷଙ୍କୁ ସାହାଯ୍ୟ କରିଛ। ତୁମର ଦୟା, ପରୋପକାର ଓ ନିଃସ୍ୱାର୍ଥପର ସେବା ହିଁ ମାଆଙ୍କ ପାଇଁ ସବୁଠାରୁ ବଡ଼ ପୂଜା। ଏହା ଶୁଣି ରାଜୁର ମୁହଁ ଖୁସିରେ ଉଜ୍ଜ୍ୱଳ ହୋଇ ଉଠିଲା। ସେ ମାଆ ଦୁର୍ଗାଙ୍କ ଆଗରେ ହାତ ଯୋଡ଼ି କହିଲା, ମାଆ! ମୋତେ ସବୁବେଳେ ଭଲ କାମ କରିବାକୁ ଶକ୍ତି ଦିଅ। ରାଜୁର ଛୋଟ ହୃଦୟରେ ସେଦିନ ଭକ୍ତିର ଭାବ ଜାଗି ଉଠିଥିଲା।ଘରେ ସେଦିନ ମା କହିଥିବା କଥା ତାର ମନେ ପଡିଗଲା।ସେ ଅନୁଭବ କଲା, ପ୍ରକୃତରେ ହୃଦୟ ର ସହ ଅନ୍ୟକୁ ସାହାଯ୍ୟ କଲେ ଭଗବାନ ସନ୍ତୁଷ୍ଟ ହୁଅନ୍ତି।ସେ ମା ଙ୍କୁ ମୁଣ୍ଡିଆ ମାରି ଘରକୁ ଖୁସିରେ ଫେରି ଆସିଲା।

+ ରାଜେନ୍ଦ୍ରପୁର, ବାରିକପୁର ବଜାର,ଭଦ୍ରକ
ମୋ:୯୪୩୭୭୩୧୯୦୩

## ବାହିବା ଶାନ୍ତିର ନାଆ

କୀର୍ତ୍ତନ ସାହୁ



ଝିମ୍ ଝିମ୍ ଝିମ୍ ଝିମ୍
ଝୁମ୍ ଝାମ୍ ଝୁମ ଝାମ
ବାଜେରେ ତାଳ ବାଜେ ଝୁମୁକା
ଛମ୍ ଛାମ ଛମ୍ ଛାମ୍ ।

ଚିକ୍ ମିକ୍ ସାଜସଜ୍ଜା
ହେଉଛି ଦୁରୁଗା ପୂଜା
କେତେ ଲୋକ ବାକ ଗହଳି ଚାଲିଛି
ଚାଲିଛିରେ ବାଜା ବଜା ।

ଭଳି ଭଳି ମେଢ଼ ଠିଆ
ଚାଲି ଅଛି ଦିଆ ନିଆ
ହସରେ ଖୁସିରେ ସମୟ ବିତୁଛି
ଚାଲନ୍ତି ଫୁଲାଇ ହିଆ ।

ଆସିଛନ୍ତି ଦେବୀ ମାଆ
ହୋଇବେ ଆମକୁ ସାହା
ପାପ ତାପ ନାଶି ସୁଖ ବିତରିବେ
ବାହିବା ଶାନ୍ତିର ନାଆ ।

ଦୁର୍ଗା ପୂଜା ଦଶହରା
କମ୍ପିଉଠେ ସାରା ଧରା
ମା ସିଂହବାହିନୀ ବିନାଶ କରିବେ
ପାପୀ ମହିଷାକୁ ପରା ।

କେତେ ଖୁସି ଭାବ ଆସେ
ହିଂସା ରାଗ ରୁଷା ନାଶେ
ମିଳି ମିଶି ଆମେ କାମ କରିଯିବା
ସୁଖ ଫେରିବରେ ପାଶେ ।

+ ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧

## ଶରତ ଆଣିଛି ଶୋଭାର ଭଣ୍ଡାର

ପ୍ରଶାନ୍ତ କୁମାର ଦାଶ



ପଠାରେ ସୁନ୍ଦର୍ ଦିଶୁଛି ଦିନରେ
ଧଳା କାଶତଣ୍ଡୀ ରୂପ
ଧରିଛନ୍ତି ସଫା ନିରିମଳ ଜଳ
ପୋଖରୀ ତଟିନୀ କୂପ ।

ନାହିଁ ସଡକରେ କାଦୁଅ ଗୋଳିଆ
ଅଳିଆ ଅସନା ପାଣି
ଶରତ ଆଣିଛି ଶୋଭାର ସମ୍ଭାର
ସବୁଜ ସୁଷମା ଠାଣି ।

ଥିରି ଥିରି ବାଆ ବୋହିଲେ ଲାଗୁଚି
ଦେହକୁ ଅଳପ ଶୀତ
ଦୂର ଗହୀରରୁ ଶୁଭୁଚି ଚାଷୀର
ମନଭୁଲାଣିଆ ଗୀତ ।

ଶରତ ବାଣ୍ଟୁଚି କେତେ ଓଠେ ହସ
ଅଶିଣ ଦଉଚି ଖୁସୀ
ରାତି ଜହ୍ନ ଦେଖି ପିଲାଏ ଖେଳନ୍ତି
ବୋହୂଚୋରୀ ରୁଷା ରୁଷି ।

ଆବେଗର ଢେଉ ଖେଳାଇ ନଈଟି
ଯାଉଚି ଦୂରକୁ ଧାଇଁ
ଭକତ ରହିଛି ପୂଜିବ ଚରଣ
ମାଆଙ୍କର ବାଟ ଚାହିଁ ।

ରାତି ହେଲେ ଦେଖି ରୁପାଜହ୍ନ ମୁଖ
କଇଁଫୁଲ ଦିଏ ହସି
ଦୂର ବିଦେଶରୁ ଆସିବାକୁ ପୁଅ
ବୋଉ ଲେଖେ ଚିଠି ବସି ।

ବରଷକ ପରେ ଫେରିଛି ଧରାକୁ
ଶରତର ଶୁଭବେଳା
ହେବ ଦେବୀପୂଜା ବାଜିବତ ବାଜା
ହେବ ଭୋଜିଭାତ ମେଳା ।

+ କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

## ମା' ସିଂହବାହିନୀ

ସୁଧାକର ରାଉତ



ଶରତ ଆକାଶେ ତୁମ ଦିବ୍ୟ ଜ୍ୟୋତି
କି ସୁନ୍ଦର ଛବି ଆଙ୍କେ
ଆନନ୍ଦର ଢେଉ ପ୍ରତି ହୃଦେ ଦେଖି
ବିଷାଦ ବି ମୁହଁ ଢାଙ୍କେ ।

ପ୍ରତୀକ୍ଷିତ ନେତ୍ର ଚାହିଁ ରହିଥିଲା
ଶୁଭ ଆଗମନ ତୁମ
ଅସରା ଲୁହ ତ ଲିଭିଯିବ କାହିଁ
ଠିକଣା ଖୋଜିବ ଭ୍ରମ ।

ଭୂମି ଠାରୁ ଭୂମା ଯାଏ ଏ ପାର୍ବଣେ
ଦିଶଇ ଆହାକି ଶୋଭା
ଅନାବିଳ ଶତ ଶୂନ୍ୟ ହୃଦୟେ
ଉକୁଟେ ତୁମର ଆଭା ।

ଆଗୋ ସ୍ନେହମୟୀ ଜନନୀ ବରଦା
ଝରାଇ କରୁଣା ଧାର
ନିଶ୍ଚିହ୍ନ କର ମିଥ୍ୟା ଅହଙ୍କାର
ଛଳ କପଟତା ଦ୍ୱାର ।

ନିରାଶା ମରୁରେ ଆଶା ମରୁଦ୍ୟାନ
ମା ଭବାନୀ କର ସୃଷ୍ଟି
ଆଶିଷଭରା ସଜ କୁସୁମ ମାଆ
ଦୟାକରି କର ବୃଷ୍ଟି ।

ପୋଛିଦିଅ ହୃଦୁ କାମନା ବାସନା
ହିଂସା, କ୍ରୋଧ, ଲୋଭ, ମୋହ
ଦିବ୍ୟ ପ୍ରକୃତି ରହି ଜୀବନ କୁଞ୍ଜେ
ଉତଫୁଲିତ କରୁ ଦେହ ।

ନିବିଡ ପ୍ରେମର ପ୍ରୀତିଭରା ଛନ୍ଦେ
ମନ ଗାଉ ତୁମ ସ୍ତୁତି
ସ୍ତବ୍ଧ ବୁକୁର ଅମା ଅନ୍ଧକାରେ
ଦିବ୍ୟାଲୋକ ଲେଖୁ ଗୀତି ।

କରୁଣା ଦାୟିନୀ ମା ସିଂହବାହିନୀ
ଚାହିଁ ବାରେ କୃପା ନେତ୍ରେ
ଅମୃତମୟ ଏ ଧରାକୁ କରାଅ
ଖେଳୁ ପୁଲକ ତା ଗାତ୍ରେ ।

+ ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

# କଟକ ଚଣ୍ଡୀ : 'କଟକେ କଟକଚଣ୍ଡୀ ବାରବାଟୀର ଦ୍ୱାରେ'



## ନାରାୟଣ ଚନ୍ଦ୍ର ବିଶ୍ୱାଳ



ବାରବାଟୀ ଦୁର୍ଗରେ ଦେବାର୍ଚ୍ଚନା କରୁଥିବା ପୁରୋହିତ ବଂଶର ଲକ୍ଷ୍ମଣ ପାଣିଗ୍ରାହୀଙ୍କ ଠାରୁ ସଂଗୃହୀତ ଏକ କବିତାରେ କଟକ ଚଣ୍ଡୀଙ୍କ ବିଷୟ ନିମ୍ନୋକ୍ତ ଭାବରେ ଲିପିବଦ୍ଧ ହୋଇଛି। 'କଟକେ କଟକଚଣ୍ଡୀ ବାରବାଟୀର ଦ୍ୱାରେ, ଫିରିଙ୍ଗ ଉଡାଇ ଦେଲା ତୋପର ଗୁଳାରେ, ଲୁଚି ଗୋ ରହିଲୁ ମାଗୋ ନାରଣଗଡ଼ରେ, ନାରାୟଣୀ ନାରାୟଣୀ ଡାକନ୍ତି ସେଠାରେ।'

ଏହିପରି ଭାବରେ ବାରବାଟୀ ଦୁର୍ଗ ଭିତରେ ଶ୍ରୀ ଶ୍ରୀ ଚଣ୍ଡୀଙ୍କ ସଂପର୍କରେ ବିଭିନ୍ନ ମତ ଏବଂ କିମ୍ବଦନ୍ତୀ ପ୍ରଚଳିତ ଅଛି। ଅଚ୍ୟୁତାନନ୍ଦଙ୍କ 'ଗୁପ୍ତଖେଦା'ରେ ବର୍ଣ୍ଣନା କରାଯାଇଅଛି ଯେ – 'ମହାନଦୀ ତଟେ ଲୀଳାଖେଳା ହେବ ଭକ୍ତମାନଙ୍କ ପରୀକ୍ଷା, ପରୀକ୍ଷାରେ ଯେହୁ ଉତ୍ତୀର୍ଣ୍ଣ ହୋଇବେ ସେହିମାନେ ହେବେ ସଖା। ଭଗବତୀ ତଟ ତୀର୍ଥସ୍ଥାନ ହେବ ଲୋକେ ଛାଡ଼ିବେ ବୋବାଳି, ବଛା ବଛା ଭକ୍ତ ମେଳିହୋଇ ଆସି ଗଢ଼ିବେ ଭକ୍ତ ମଣ୍ଡଳୀ। ଭଗବତୀ ନିଜେ କାଳିକା ରୂପରେ ଏକାକ୍ଷର ଦର୍ଶାଇବେ, ପରୀକ୍ଷାରେ ଯେହୁ ନ କହିପାରିବେ କାଳୀ ଖପରରେ ଯିବେ।' ୧୫୫୯ ଖ୍ରୀଷ୍ଟାବ୍ଦରେ ମୁକୁନ୍ଦଦେବ ରାଜସିଂହାସନ ଦଖଲ କରିଥିଲେ। ସେ ୧୫୬୯ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ ଚଳାଇଥିଲେ। ଏହାପରେ ମୁସଲମାନ ଆଫଗାନ ଶାସକ ଓ ତାଙ୍କର ସେନାପତି କଳାପାହାଡ଼ କଟକ ରାଜଧାନୀ ଦଖଲ କରି ନେଇଥିଲେ। ଏ ସଂପର୍କରେ ଏକ ଲୋକପ୍ରିୟ ପ୍ରବାଦ ପ୍ରଚଳିତ – 'ଆସିଲା କଳାପାହାଡ଼, ଭାଙ୍ଗିଲା ଲୁହାର ବାଡ଼, ପିଇଲା ମହାନଦୀ ପାଣି, ସୁବର୍ଣ୍ଣ ଥାଳିରେ ହୀରା ପରଷିଲେ, ମୁକୁନ୍ଦଦେବଙ୍କ ରାଣୀ।'

ଦେବୀଙ୍କ ମନ୍ଦିର ସମ୍ପର୍କରେ ଯାହା ଜଣାଯାଏ, ଏକ ଛୋଟ ମନ୍ଦିରରେ ମଇନା ଦେଈଙ୍କ ଉଦ୍ୟମରେ ମା'କଟକ ଚଣ୍ଡୀ ପୂଜା ପାଉଥିଲେ। ମା'ଙ୍କ ମହିମାରେ ବହୁ ଭକ୍ତ କାଳକ୍ରମେ ଏଥିପ୍ରତି ଆକୃଷ୍ଟ ହେଲେ। ରାୟସାହେବ ଗିରିଧାରୀ ପ୍ରସାଦ ମୋଡ଼ା ଏବଂ ଅନ୍ୟ ବଦାନ୍ୟ ବ୍ୟକ୍ତିଙ୍କ ଉଦ୍ୟମରେ ମନ୍ଦିରର ପ୍ରଭୂତ ଉନ୍ନତି ସାଧିତ ହେଲା। ମାଆ କଟକ ଚଣ୍ଡୀ କଟକର ଅଧିଷ୍ଠାତ୍ରୀ ଦେବୀ ଏବଂ କଲ୍ୟାଣମୟୀ। ଏହି କାରଣରୁ ସେ କଟକବାସୀଙ୍କ ପ୍ରାତଃ ସ୍ମରଣୀୟା। ମରହଟ୍ଟା ଶାସନ ପୂର୍ବରୁ ଦେବୀଙ୍କ ବିଗ୍ରହ ବାରବାଟୀ ଦୁର୍ଗ ପରିସରରେ ପୂଜା ପାଉଥିଲେ। ମୂଳାଷ୍ଟମୀରେ ସୁନାବେଶ, ନବମୀରେ ଭୁବନେଶ୍ୱରୀ, ଦଶମୀରେ ବ୍ରାହ୍ମଣୀ, ଏକାଦଶୀରେ ଉଗ୍ରତାରା, ଦ୍ୱାଦଶୀରେ ହରଚଣ୍ଡୀ, ତ୍ରୟୋଦଶୀର ବ୍ରାହ୍ମଣୀ, ଶୁକ୍ଳ ଦ୍ୱିତୀୟାରେ କାତ୍ୟାୟିନୀ, ତୃତୀୟାରେ ଜୟଦୁର୍ଗା, ଚତୁର୍ଥୀ-ପଞ୍ଚମୀରେ ଗାୟତ୍ରୀ, ଷଷ୍ଠୀ-ସପ୍ତମୀରେ ବଗଳାମୁଖୀ, ମହାଷ୍ଟମୀରେ ମହାକାଳୀ, ମହାନବମୀରେ ମହାଲକ୍ଷ୍ମୀ, ବିଶ୍ରାମ ଦିବସରେ ସରସ୍ୱତୀ ବେଶ ଓ ଦଶହରା ଦିନ ମହିଷମର୍ଦ୍ଦିନୀ ବେଶ ହୋଇ ଏକାଦଶୀରେ ସୁନାବେଶ ହୁଏ। ଓଡ଼ିଶାର ଶକ୍ତିପୀଠ ମାନଙ୍କ ମଧ୍ୟରେ ମା' କଟକ ଚଣ୍ଡୀଙ୍କ ପୀଠର ସ୍ୱତନ୍ତ୍ର ମହିମା ରହିଛି। ମା'କଟକ ଚଣ୍ଡୀ କଟକର ଆରାଧ୍ୟା ଦେବୀ ଭାବେ ସର୍ବମାନ୍ୟ।

ସଂପ୍ରତି ମା' ଯେଉଁଠି ପୂଜା ପାଉଛନ୍ତି, ସେଠାରେ ମାଟିତଳେ ପୋତି ହୋଇ ରହିଥିଲେ। ଏକଦା ପଣ୍ଡିତ ହଂସ ପଣ୍ଡା ସେହିଠାରେ ବସିଥିବା ବେଳେ ମା'ଙ୍କ ଦିବ୍ୟ ଉପସ୍ଥିତିକୁ ଅନୁଭବ କରିଥିଲେ। କନିକା ରାଜାଙ୍କ ସହାୟତାରେ ସେହି ସ୍ଥାନ ଖୋଳାଯିବାରୁ ୪୦ ଓଦର ସିନ୍ଦୂର ବାହାରିବା ପରେ ମା'କଟକ ଚଣ୍ଡୀଙ୍କ ପ୍ରତୀମାକୁ ଉଦ୍ଧାର କରାଯାଇଥିଲା। ପଣ୍ଡିତ ହଂସ ପଣ୍ଡା ପ୍ରଥମ କରି ମା'ଙ୍କ ନୀତିକାନ୍ତି ଆରମ୍ଭ କରିଥିଲେ। ଏହାପରେ ତାଙ୍କ ଉତ୍ତରପିଢ଼ି ମା'ଙ୍କ ଦୈନିକ ସେବା ଓ ନୀତିକାନ୍ତି କରୁଛନ୍ତି। ସଂପ୍ରତି ହଂସ ପଣ୍ଡାଙ୍କ ପଞ୍ଚମ ପିଢ଼ି ତଥା ସେବକ ପଣ୍ଡିତ ମନୋଜ କୁମାର ପଣ୍ଡାଙ୍କ ସମେତ ତାଙ୍କ ଭାଇମାନେ ମା'ଙ୍କ ନୀତିସେବା, ପୀଠର ଯାନିଯାତ୍ରା ପରିଚାଳନା କରୁଛନ୍ତି। ଜଣେ ଦୈବୀ ସାଧକ ଓ ଶାକ୍ତ ତଥା ମାଆଙ୍କ ପ୍ରବକ୍ତା ଭାବେ ମନୋଜ କୁମାର ପଣ୍ଡା ବେଶ ଜଣା ଶୁଣା। ପ୍ରତିଦିନ ଭୋର ୫ଟା ୧୫ରୁ ମା' କଟକ ଚଣ୍ଡୀଙ୍କ ମନ୍ଦିର ପହଡ଼ ଖୋଲାହୁଏ। ପ୍ରଥମେ ମା'ଙ୍କ ମଙ୍ଗଳ ଆଳତି ସଂପନ୍ନ ହୁଏ। ବର୍ଷ ତମାମ ମଙ୍ଗଳ ଆଳତି ଦେଖିବାକୁ ବହୁ ଭକ୍ତ ଅପେକ୍ଷା କରି ରହିଥାନ୍ତି। ମଙ୍ଗଳବାର ଓ ଶନିବାର ମଧ୍ୟାହ୍ନରେ ମା'ଙ୍କ ପାଖରେ ମତ୍ସ୍ୟ ଭୋଗ ଲାଗି ହୁଏ। ମା'ଙ୍କ ପୀଠରେ ବଡ଼ ଆଳତିର ସ୍ୱତନ୍ତ୍ର ମହତ୍ୱ ରହିଛି। ସଂକ୍ରାନ୍ତି, ପୂର୍ଣ୍ଣିମା, ଗୁରୁବାର ସମେତ ବିଶେଷ ଦିବସରେ ପୀଠରେ ବଡ଼ ଆଳତି ହୁଏ।

କଟକଚଣ୍ଡୀ ପୀଠରେ ମୂଳାଷ୍ଟମୀ ଦିନ ମା'ଙ୍କର ଷୋଡ଼ଶ ଉପଚାର ବିଧି ଆରମ୍ଭ ହୁଏ। ମୂଳାଷ୍ଟମୀକୁ ମା'ଙ୍କର ଧରାବତରଣ ଦିନ ବୋଲି କୁହାଯାଏ। ଏହିଦିନ ସକାଳୁ ମା'ଙ୍କର ସହସ୍ରକୁମ୍ଭାଭିଷେକ କରାଯାଏ। ଅପରାହ୍ନରେ ମହାନଦୀରୁ ଘଟ ଆସି ସ୍ଥାପନା ହୁଏ। ଏଇଠୁ ଆରମ୍ଭ ହୁଏ ଶାରଦୀୟ ଦୁର୍ଗାପୂଜା। ସାଧାରଣତଃ ମାଆଙ୍କ ପାଖରେ ପଞ୍ଚୋପଚାର ବିଧିରେ ପୂଜା କରାଯାଏ, ଅର୍ଥାତ୍ ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ ଅର୍ପଣ ହୁଏ। କିନ୍ତୁ ଷୋଡ଼ଶ ଉପଚାରରେ ମାଆଙ୍କୁ ପାଞ୍ଚଟି ଦ୍ରବ୍ୟ ପରିବର୍ତ୍ତେ ଷୋଳପ୍ରକାର ଦ୍ରବ୍ୟ ସମର୍ପଣ କରାଯାଇ ପୂଜା କରାଯାଏ ଏବଂ ପଞ୍ଚ ଦେବତାଙ୍କୁ ଆବାହନ କରାଯାଏ।

ଏହା ରାତ୍ରିବିହିତ ପୂଜା ଏବଂ ଏହି ପୂଜା ପାଖାପାଖି ଅଢ଼େଇରୁ ତିନି ଘଣ୍ଟା ସମୟ ଲାଗେ। ଏହା ଷୋଡ଼ଶ ଉପଚାର ବିଧି ଭାବେ ବିଦିତ। ଯଦିଓ କଟକଚଣ୍ଡୀ ସଭିଙ୍କ ପାଖରେ ଚଣ୍ଡୀ ବୋଲି ପୂଜିତା, କିନ୍ତୁ ମାଆ ହେଉଛନ୍ତି ସ୍ୱୟଂ ଭୁବନେଶ୍ୱରୀ। ମାଆ ଚତୁର୍ଭୁଜା ଏବଂ ମାଆଙ୍କୁ ଭୁବନେଶ୍ୱରୀ ମନ୍ତ୍ରରେ ପୂଜା କରାଯାଏ। ତେଣୁ ମାଆଙ୍କର ଏହି ଷୋଳ ଦିନାତ୍ମକ ପୂଜାକୁ ମହାପୂଜା ବୋଲି ମଧ୍ୟ କୁହାଯାଏ।


+ ବାକ୍ ଶ୍ରବଣ ବିଶେଷଜ୍ଞ,
'ଧ୍ୱନୀ' କାଠଗୋଲା ରୋଡ଼,
ମଙ୍ଗଳାବାଗ, କଟକ,
ମୋ : ୯୪୩୮୨୭୬୭୬୦


## ଜୟଜୟ ମାଆ ତ୍ରିପୁରମୋହିନୀ

### ନଳିନୀ ଦାଶ

ଜୟ ଜୟ ମାଗୋ ତ୍ରିପୁରମୋହିନୀ
ଜଗଦ୍ଧାତ୍ରୀ ମାହେଶ୍ୱରୀ
ଶରତ ସମ୍ଭାରେ ମରତ ଭୂଇଁକୁ
ଆସ ମାଆ ଅବତରି ।
ଶୁଭ୍ର କାଶତଣ୍ଡି ଚାମର ବିଞ୍ଚୁଛି
ବିଜେ କର ଶକ୍ତିମୟୀ
ଆୟୁଧ ରେ ତୁମେ ଅସୁର ବିନାଶି
କରିଦିଅ ଧରାଶାୟୀ ।
ବିଘ୍ନବିନାଶିନୀ ତ୍ରିତାପ ହାରିଣୀ
ମହିଷାସୁରମର୍ଦ୍ଦିନୀ
ସତ୍ୟର ପ୍ରଦୀପ ପ୍ରଜ୍ୱଳିତ କର
ଶୁଭେ ପୂଣ୍ୟ ଆବାହାନୀ ।
ଦନୁଜନାଶିନୀ ନୃମୁଣ୍ଡମାଳିନୀ ।
ମାଗୋ ଜଗତବନ୍ଦିନୀ
ଜଗତ କଲ୍ୟାଣ ପାଇଁ ଆସ ମାଆ
ଖଣ୍ଡାଖର୍ପର ଧାରିଣୀ ।
ଶାରଦା ବରଦା ବରାହୀ ବୁଦ୍ଧିଦା
ମାଗୋ ବିଶ୍ୱବିମୋହିନୀ
ଅମୃତ କଳସ ଢ଼ାଳି ଦିଅ ମାଆ
ଅଭୟା ବରଦାୟିନୀ
ସଙ୍କଟହାରିଣୀ ଅମ୍ବିକା ଭବାନୀ
ମାତ କଲ୍ମସଖଣ୍ଡିନୀ
ଅଶାନ୍ତି ଅନ୍ୟାୟ ଦୂର କରି ଦେଇ
ଖୁସି ଭର ଗୋ ଜନନୀ ।
ହିଂସା ଈର୍ଷା କ୍ରୋଧ ଲୋଭ ଗ୍ରାସିଅଛି
ମର୍ତ୍ତ୍ୟରୁ କର ମା ନାଶ
ସବୁରି ହୃଦୟେ ସ୍ନେହଁ ଶାନ୍ତି ମୈତ୍ରୀ
ମଣିଷତ୍ୱ କରୁ ବାସ ।
ଶକ୍ତିସ୍ୱରୁପିଣୀ ଦାନବଘାତିନୀ
ଚଣ୍ଡମୁଣ୍ଡ ବିନାଶିନୀ
ତୁମର ଆଶିଷ ଝରାଇ ଦିଅ ମାଆ
ହସି ଉଠୁ ଏ ଧରଣୀ ।


+ଭିକାରିପଡା, ଶରଣକୁଳ,
ନୟାଗଡ଼
ମୋ-୯୨୩୮୯୯୬୬୪୯


## ମା'ଭୁଆସୁଣୀ

### ଗଙ୍ଗାଧର ସାମଲ

ହଜାର ବର୍ଷର ସହର କଟକ। କଟକର ଦୁଇପଟେ ମହାନଦୀ ଓ କାଠଯୋଡ଼ି ପ୍ରବାହିତ। ପୂଣ୍ୟତୋୟା ମହାନଦୀ କୂଳରେ ରହିଛି ବିଡ଼ାନାସୀ ଜନବସତି ତେବେ ମହାନଦୀର ନଦୀଗର୍ଭସ୍ଥ ବାଲୁକା ପ୍ରାନ୍ତରରେ ମା'ଭୁଆସୁଣୀ ଠାକୁରାଣୀଙ୍କ ମନ୍ଦିର ରହିଛି। ତାହାର ପ୍ରମାଣସ୍ୱରୂପ ଅଚ୍ୟୁତାନନ୍ଦ ଦାସ (ନିରାକାର ଦାସ)ଙ୍କ ଲିଖିତ 'ଅମର ଜୁମର' କାବ୍ୟରେ ମଧ୍ୟ ବକ୍ତବ୍ୟ ମିଳିଥାଏ। ଯଥା 'ସିଦ୍ଧେଶ୍ୱରୀ ପାରେଶ୍ୱରୀ ବାହାରିବେ, ଗଙ୍ଗାଦେବୀଙ୍କ ସଙ୍ଗରେ। ଦେବଧାରରୁ ଯେ ବରୁଣାଇ ଯିବେ, କଳାସୁଣୀଙ୍କ ସଙ୍ଗରେ। ବିଡ଼ାନାସୀରୁ ଯେ ଭୁଆସୁଣୀ ଦେଇ, ବେଗେ ବାହାର ହୋଇବେ। ଅନ୍ତକୁଦରୁ ଜଗନ୍ନାଥ ଦଶ, ସଙ୍ଗେ ସଙ୍ଗେ ବାହାରିବେ।' ପୁଣି 'କାଳିକା ବିରୋଜା ସଙ୍ଗେ ସଙ୍ଗେ ହୋଇଯିବେ, ଭଗବତୀ ସଙ୍ଗେ ନେଇ ନିଜ ଧାମେ ଥିବେ। ସମଲାଇ ଚାଚକାଇ ଭୁଆସୁଣୀ ଯିବ, କଟକର ଚଣ୍ଡୀ ସିନା କଟକେ ରହିବ।'

ମା'ଭୁଆସୁଣୀ କେବେ କାହିଁକି ସେଠାରେ ସ୍ଥାପିତ ହେଲେ ଏ ବିଷୟରେ ନାନା କିମ୍ବଦନ୍ତୀ ଶୁଣିବାକୁ ମିଳେ। ସେଥିରୁ ବିଶେଷ ଉଲ୍ଲେଖଯୋଗ୍ୟ ହେଉଛି 'ନିତେଇ ଧୋବଣୀ, ପିତେଇ ସୌରୁଣୀ' କାହାଣୀ। ବର୍ତ୍ତମାନ ବିସ୍ତୃତ ବାଲୁକାମୟ ପ୍ରାନ୍ତର ମଧ୍ୟରେ କାଠଯୋଡ଼ି ନଦୀ ଓ ମହାନଦୀର ସଙ୍ଗମ ସ୍ଥଳରେ ବିଦ୍ୟମାନ ମା'ଠାକୁରାଣୀ ସେହି ଆବହମାନ କାଳରୁ ଆଜି ପର୍ଯ୍ୟନ୍ତ ପ୍ରତିଷ୍ଠିତା।

ଯେଉଁ ଗଛ ମୂଳରେ ମା'ଠାକୁରାଣୀ ସେହି ଦିନରୁ ଅଟକି ଅଛନ୍ତି ସେ ଗଛ ବିରଳ। ସେ ଗଛର ନାମ କେହି ଜାଣନ୍ତି ନାହିଁ। ତାହାର ସ୍ୱତନ୍ତ୍ରତା ଅଛି। ତାହା ସାଧାରଣ ସାହାଡ଼ା, ବର ବା ତେନ୍ତୁଳି ଗଛ ନୁହେଁ। ନିକଟବର୍ତ୍ତୀ ଅଞ୍ଚଳମାନଙ୍କରେ ସନ୍ଧାନ ନେବାରେ ଜଣାଯାଇଛି ଯେ ଫୁଲନଖରା ନିକଟସ୍ଥ ତେଲେଙ୍ଗାପେଣ୍ଠ ପାଖରେ ଥିବା ଠାକୁରାଣୀ ସେହିଭଳି ଗଛ ନିକଟରେ ଅବସ୍ଥିତା। ପୁଣି ନୂଆପାଟଣା (ଚହଟାଘାଟ ଆରପାଖ)ରେ ଓ ଗୌଡ଼ଗଡ଼ା ପୋଲିସ ଷ୍ଟାଣ୍ଡ ମଧ୍ୟସ୍ଥ ଦେବୀ ମଣ୍ଡପ ଏହିଭଳି ଗଛ ନିକଟରେ ପ୍ରତିଷ୍ଠିତ। ମୋଟ ଉପରେ ଏହି ଗଛ ଅସାଧାରଣ ଓ ଲୋକେ କହନ୍ତି ଏହା ବହୁତ ଉପକାରୀ ଓ ଦରକାରୀ ଗଛ।

ଅଧିକାଂଶ ଧବଳେଶ୍ୱର ଯାତ୍ରୀ ଏହି ମା'ଠାକୁରାଣୀଙ୍କ ବାଟ ଦେଇ ଯାଆସ କରନ୍ତି। ସେମାନଙ୍କ ପାଇଁ ଏ ପ୍ରତ୍ୟକ୍ଷ ଦେବୀ ମା'ବାଟମଙ୍ଗଳା ଶକ୍ତିଦାୟିନୀ ଅଟନ୍ତି। ଏହାଙ୍କ ମହିମା କହିଲେ ନ ସରେ। ଏପରିକି ଏହାଙ୍କ ମହିମା ଉପରୋକ୍ତ ଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କ କୃତ ଅମର ଜୁମର ବା ଜୁମର ସଂହିତା (ରଚନାରେ କାଳ ନିରୂପିତ ହୋଇ ନାହିଁ)ରେ ବର୍ଣ୍ଣିତ ଅଛି। ପରମାରାଧ୍ୟା ଆଦ୍ୟାଶକ୍ତିଙ୍କ ସହିତ ଏହାଙ୍କର ସାମଞ୍ଜସ୍ୟ ଅଛି। ଦେବୀଙ୍କ ସ୍ତୁତି ହେଉଛି – 'ପ୍ରଥମଂ ଶୈଳ ପୁତ୍ରୀତି ଦ୍ୱିତୀୟଂ ବ୍ରହ୍ମଚାରିଣୀ, ତୃତୀୟଂ ଚନ୍ଦ୍ର ଘଣ୍ଟେତି କୁଷ୍ମାଣ୍ଡେତି ଚତୁର୍ଥକମ।। ପଞ୍ଚମସ୍କନ୍ଦମାତେତି ଷଷ୍ଠଂ କାତ୍ୟାୟିନୀ ତଥା, ସପ୍ତମ କାଳରାତ୍ରେତି ମହାଗୌରୀତି ଚାଷ୍ଟମମ୍।। ନବମଂ ସିଦ୍ଧିଦାତ୍ରୀ ଚ ନବଦୁର୍ଗାଃ ପ୍ରକୀର୍ତ୍ତିତାଃ।।'

ମା'ଙ୍କର ବିଶେଷ ଯାନିଯାତ୍ରା ଭାବରେ କାର୍ତ୍ତିକ ପୂର୍ଣ୍ଣିମାରେ କୀର୍ତ୍ତନ, ପୂଜା ଓ ପ୍ରାର୍ଥନା ହୁଏ। ମା'ଙ୍କ ନିତ୍ୟ ପୂଜା ଅନୁଷ୍ଠିତ ହେବା ସହ ନବରାତ୍ର ସମୟରେ ନଅଦିନ ବ୍ୟାପି ମା'ଙ୍କର ସ୍ୱତନ୍ତ୍ର ପୂଜା ନୀତି ଅନୁଷ୍ଠିତ ହୋଇଥାଏ। ମା'ଭୁଆସୁଣୀ ମହାଲକ୍ଷ୍ମୀ ସ୍ୱରୂପା ହୋଇଥିବାରୁ ତାଙ୍କ ପାଖରେ ବଳୀ ପ୍ରଥା ନାହିଁ। ମାନସିକ ଅନୁସାରେ ଭୁଆସୁଣୀଙ୍କ ନାମରେ ମେଳା, ଯନ୍ତାଳ ଏବଂ ଘୋଡ଼ାଲାଗି, ଶଙ୍ଖା ସିନ୍ଦୂର ଶାଢ଼ି ଇତ୍ୟାଦି ଲାଗି କରାଯାଏ। ମହାନଦୀ କୂଳରେ ଥିବା ଏହି ଅନାଲୋଚିତ ଶକ୍ତିପୀଠର ଆଖପାଖ ଅଞ୍ଚଳ ଅତ୍ୟନ୍ତ ମନଲୋଭା ଓ ଆଧ୍ୟାତ୍ମିକ ପର୍ଯ୍ୟଟନ ପାଇଁ ଦୂରଦୂରାନ୍ତରୁ ଅନେକ ଶ୍ରଦ୍ଧାଳୁଙ୍କ ଏହି ସ୍ଥାନକୁ ଆଗମନ ହୋଇଥାଏ।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୮୩୨୮୯୪୮୬୪୩ / ୯୪୩୭୨୨୬୬୪୭


## ଉଡୁ ଧର୍ମ ଜୟ ଧ୍ୱଜା...

### ରାମଚନ୍ଦ୍ର ବେହେରା



ପବିତ୍ର ପାର୍ବଣ ଆସିଛି ମରତେ
ଶାରଦୀୟ ଅର୍ଘ୍ୟ ନେଇ
ଦଶଭୂଜାଂକର ଭବ୍ୟ ଆଗମନେ
ହସୁଛି ପବିତ୍ର ମହୀ।

ନୀଳ ଆକାଶରେ ଶୁଭ୍ର ମେଘମାଳା
ଯାଇଅଛି ଅପସରି
ରୂପେଲି ଚନ୍ଦ୍ରମା ଆମନ୍ତ୍ରଣେ ମାତା
ଆସିଛନ୍ତି ଅବତରି।

ଶୋଭାମୟୀଂକର ଅପୂର୍ବ ଶୋଭାରେ
ଶ୍ରଦ୍ଧା ଜାଗିଅଛି ମନେ

ଭକ୍ତ ପୂଜେ ତାଂକୁ ସତ୍ୟନିଷ୍ଠ ଚିତ୍ତେ
ଧୂପ ଝୁଣା ଆବାହନେ।

ତୂରୀ ଭେରି ଯୋଡି ନାଗେରା ବାଜୁଛି
ଶୁଭୁଅଛି ଦୁର୍ଗା ସ୍ତୋତ୍ର
ହର୍ଷ ଉଲ୍ଲାସରେ ପୂଜୁଛନ୍ତି ଜନେ
ମଣ୍ଡପେ ହୋଇ ଏକତ୍ର।

ମାତା ଆଗମନେ ଏ ଶୁଭ ଲଗନେ
ଆହ୍ଲାଦିତ ଏ ଭୁବନ
ଖୁସିର ଜୁଆର ବହୁଛି ପରାଣେ
ପୁଲକିତ ତନୁମନ।

ମନ୍ଦାର ଟଗର କମଳ ମାଳରେ
ହସୁଛନ୍ତି ଦେବୀ ମାଆ
କାଶତଣ୍ଡୀ ସାଜି ଧବଳ ଚଉଁରୀ
ଦେଉଛି ଶୀତଳ ବାଆ।

ମାଆଂକ ଆଶିଷେ ଦୂର ହୋଇଯାଉ
ଅନ୍ୟାୟ ଅଧର୍ମ ହିଂସା
ମଣିଷ ଜୀବନ ହେଉ ଶୁଭମୟ
ଉଡୁ ଧର୍ମ ଜୟ ଧ୍ୱଜା।


ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬


# ନବଦୁର୍ଗା ପୂଜା ବିଧାନ

### ଡଃ.ଅରୁନ୍ଧତୀ ଦେବୀ



ଶାରଦୀୟ ବା ବାସନ୍ତୀ ଦୁର୍ଗୋତ୍ସବରେ ଶୁକ୍ଳ ଷଷ୍ଠୀ ଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ନବରାତ୍ରପୂଜାର ପ୍ରତ୍ୟେକ ଦିନ ଗୋଟିଏ ଗୋଟିଏ ଦୁର୍ଗାରୂପର ପୂଜା କ୍ରମରେ କରାଯାଏ। ଯଥା - ଷଷ୍ଠୀରେ ଶୈଳପୁତ୍ରୀ, ସପ୍ତମୀରେ ବ୍ରହ୍ମଚାରିଣୀ ଇତ୍ୟାଦି ଇତ୍ୟାଦି। 'ଶୁକ୍ଳାଷଷ୍ଠ୍ୟାଂ ଅବଷ୍ଟଭ୍ୟ ଯାବତ୍ ଶୁକ୍ଳ ଚତୁର୍ଦ୍ଦଶୀ। ନବଦୁର୍ଗା ବିଧାତବ୍ୟା ସର୍ବକାର୍ଯ୍ୟ ଫଳାର୍ଥିନା।। ସଂପୂଜ୍ୟ ବିଧିବତ୍ ଦେବୀଂ ଚଣ୍ଡିକାଂ କୃତାତର୍ପଣା। କଳଶଂ ପଞ୍ଚରତ୍ନାଢ଼୍ୟଂ ସହକାର ଦଳାକୁଳଂ।। ସବସ୍ତ୍ରଂ ସଂପରିଷ୍ଠାପ୍ୟ ଚଣ୍ଡିକାଗ୍ରେକ୍ଷସାଭୃତଂ। ସମନ୍ତାତ୍ ପୂଜୟେତ୍ ଦିକ୍ଷୁ ଦିଶାଂ ପାଳାନ୍ ଯଥାକ୍ରମେ। ଚନ୍ଦନେନ ବିଲିପ୍ତାଙ୍ଗଃ ସ୍ରଗ୍‌ବିନ୍ୟାସ ପରାୟଣଃ।।' ବନଦୁର୍ଗା ମନ୍ତ୍ରରେ ସମସ୍ତଙ୍କର ଯଥୋପଚାର ପୂଜାକର୍ତ୍ତବ୍ୟ।

ଶୈଳପୁତ୍ରୀ : ଶାରଦୀୟ ନବରାତ୍ରର ପ୍ରଥମ ଦିନ ମା' ଦୁର୍ଗାଙ୍କ ପ୍ରଥମ ସ୍ୱରୂପ ଶୈଳପୁତ୍ରୀଙ୍କୁ ପୂଜା କରାଯାଏ। ଶୈଳରାଜ ହିମାଳୟର ପୁତ୍ରୀ ରୂପରେ ଜନ୍ମ ନେଇଥିବାରୁ ମା'ଶୈଳପୁତ୍ରୀ ନାମରେ ବିଖ୍ୟାତ ହେଲେ। ମା'ହେଉଛନ୍ତି ତ୍ରିଦେବଙ୍କ ମୂଳ ଶକ୍ତି ସ୍ୱରୂପା। ମା'ଙ୍କ ବାହନ ବୃଷଭ, ଡାହାଣହସ୍ତରେ ତ୍ରିଶୂଳ ଓ ବାମହସ୍ତରେ ପଦ୍ମ ଶୋଭାପାଏ। ମା'ଶୈଳପୁତ୍ରୀଙ୍କୁ ପୂଜା କରିବା ଦ୍ୱାରା ମୂଳାଧାର ଚକ୍ର ଜାଗ୍ରତ ହୋଇଥାଏ। ଏହାଦ୍ୱାରା ଅନେକ ଉପଲବ୍ଧି ପ୍ରାପ୍ତ ହୁଏ। ସାଧକର ସମସ୍ତ ଭୌତିକ ଓ ଆଧ୍ୟାତ୍ମିକ ମନସ୍କାମନା ପୂରଣ କରନ୍ତି ମା'ଶୈଳପୁତ୍ରୀ।

ମହାଗୌରୀ : ମା'ଦୁର୍ଗାଙ୍କ ଅଷ୍ଟମ ଶକ୍ତିର ନାମ ମହାଗୌରୀ। ଦେବୀ ମହାଗୌରୀ ଭକ୍ତର ସମସ୍ତ ମନୋବାଞ୍ଛା ପୂରଣ କରନ୍ତି। ମା'ଙ୍କ ଆରାଧନାରେ ଭକ୍ତର ଜନ୍ମଜନ୍ମାନ୍ତର ପାପ ଧୋଇଯାଏ। ବୃଷାରଢ଼ା ଚତୁର୍ଭୁଜା ମା' ଶୁଭ୍ରବାସନା। ମା'ଙ୍କ ଆୟୁ ଆଠବର୍ଷ ବୋଲି କୁହାଯାଏ। ଡାହାଣ ଉର୍ଦ୍ଧ୍ୱହସ୍ତ ଅଭୟ ମୁଦ୍ରାରେ ଓ ଅନ୍ୟଟିରେ ମା'ତ୍ରିଶୂଳ ଧାରଣ କରିଛନ୍ତି। ବାମ ଉର୍ଦ୍ଧ୍ୱହସ୍ତରେ ଡମ୍ବରୁ ଓ ଅନ୍ୟ ହସ୍ତଟି ବରଦ ମୁଦ୍ରାରେ ଥାଏ।



ମହାଗୌରୀ ମା'ଦୁର୍ଗାଙ୍କର ଅଷ୍ଟମ ଶକ୍ତି। ଶରୀରର ବର୍ଣ୍ଣ ଗୌର ହେତୁ ତାଙ୍କର ନାମ ମହାଗୌରୀ। ଶଙ୍ଖ, ଚନ୍ଦ୍ର ଓ କୁନ୍ଦପୁଷ୍ପ ସହିତ ତାଙ୍କର ଶରୀରର ବର୍ଣ୍ଣର ତୁଳନା କରାଯାଏ। ଶାସ୍ତ୍ରୋକ୍ତି ଅଛି – 'ଅଷ୍ଟବର୍ଷା ଭବେତ୍ ଗୌରୀ' ଅର୍ଥାତ୍ ତାଙ୍କୁ ଆଠବର୍ଷ ବୟସ ବୋଲି ମନେକରାଯାଏ। ଦେବୀ ଶ୍ୱେତବସନା ଏବଂ ଶ୍ୱେତବୃଷଭ ବାହନା। ଚତୁର୍ଭୁଜା ଏବଂ ଦେବୀଙ୍କର ଦକ୍ଷିଣ ଦୁଇ ଭୁଜରେ ଅଭୟ ମୁଦ୍ରା ଓ ତ୍ରିଶୂଳ ଏବଂ ବାମ ଦୁଇଭୁଜରେ ବରଦମୁଦ୍ରା ଓ ଡମ୍ବରୁ ଶୋଭାପାଏ। ଭାବଭଙ୍ଗୀରେ ଏହି ଦେବୀ ଶାନ୍ତା।

ବ୍ରହ୍ମଚାରିଣୀ : ମା'ଦୁର୍ଗାଙ୍କ ନବଶକ୍ତିର ଦ୍ୱିତୀୟ ସ୍ୱରୂପ ହେଉଛି ବ୍ରହ୍ମଚାରିଣୀ । ବ୍ରହ୍ମଚାରିଣୀ ଦେବୀଙ୍କ ସ୍ୱରୂପ ପୂର୍ଣ୍ଣ ଜ୍ୟୋତିର୍ମୟ ଏବଂ ଅତ୍ୟନ୍ତ ଭବ୍ୟ । ଡାହାଣହସ୍ତରେ ଜପମାଳା ଏବଂ ବାମହସ୍ତରେ ମା'ଧାରଣ କରିଛନ୍ତି କମଣ୍ଡଳୁ। ନାରଦଙ୍କ ଉପଦେଶରେ ମହାଦେବଙ୍କୁ ପାଇବା ପାଇଁ ମା' କଠୋର ତପସ୍ୟା କରିଥିଲେ ।

କାତ୍ୟାୟନୀ : ନବରାତ୍ରୀର ଷଷ୍ଠ ଦିବସରେ ମା' କାତ୍ୟାୟନୀଙ୍କୁ ପୂଜା କରାଯାଏ। ଋଷି କାତ୍ୟାୟନ ଭଗବତୀ ଦୁର୍ଗାଙ୍କର ଏକ ସ୍ୱତନ୍ତ୍ର ତଥା ଶକ୍ତିଶାଳୀ ସ୍ୱରୂପର ସର୍ବପ୍ରଥମ ଆରାଧନା କରିଥିଲେ। ତାଙ୍କ ନାମାନୁସାରେ ଦେବୀଙ୍କ ନାମ କାତ୍ୟାୟନୀ ହୋଇଛି। ମା'ଙ୍କ ସ୍ୱରୂପ ଅତ୍ୟନ୍ତ ଦିବ୍ୟ, ବର୍ଣ୍ଣ ସ୍ୱର୍ଣ୍ଣସମ ଚମକଦାର। ଚତୁର୍ଭୁଜା ମା'ଙ୍କ ଡାହାଣ ଉର୍ଦ୍ଧ୍ୱହସ୍ତ ଅଭୟ ମୁଦ୍ରା ଓ ନିମ୍ନହସ୍ତ ବରଦ ମୁଦ୍ରାରେ ଅଛି। ବାମ ଉର୍ଦ୍ଧ୍ୱହସ୍ତରେ ଖଣ୍ଡା ଓ ନିମ୍ନହସ୍ତରେ ମା' ପଦ୍ମଫୁଲ ଧାରଣ କରିଛନ୍ତି। ଶତ୍ରୁ ବିନାଶ ପାଇଁ ଦେବୀଙ୍କୁ ଆରାଧନା କରାଯାଏ। ସିଂହବାହିନୀ ମା'ଙ୍କ ଚରଣରେ ସର୍ବସ୍ୱ ସମର୍ପଣ କରିଦେଲେ ମା'ଙ୍କ ଦର୍ଶନ ହୋଇଥାଏ। ମା'ଙ୍କୁ ଭକ୍ତି କଲେ ଅର୍ଥ କର୍ମ, କାମ, ମୋକ୍ଷ ପ୍ରାପ୍ତି ହୋଇଥାଏ।ନବରାତ୍ରିର ଷଷ୍ଠଦିନରେ ଏହାଙ୍କର ଉପାସନା କାଳରେ ସାଧକଙ୍କର ମନ ଆଜ୍ଞାଚକ୍ରରେ ଅବସ୍ଥାନ କରେ। ଏହାଙ୍କର ଉପାସନା ଫଳରେ ରୋଗ, ଶୋକ, ସନ୍ତାପ ଓ ଭୟ ଆଦି ବିନଷ୍ଟ ହୁଏ।

କୁଷ୍ମାଣ୍ଡା : ମା'ଙ୍କ ଚତୁର୍ଥ ସ୍ୱରୂପର ନାମ କୁଷ୍ମାଣ୍ଡା । ମନ୍ଦହାସ୍ୟ ଓ ବ୍ରାହ୍ମାଣ୍ଡ ଉତ୍ପନ୍ନ କରିବା ହେତୁ ମା' କୁଷ୍ମାଣ୍ଡା ଦେବୀ ଭାବେ ପ୍ରସିଦ୍ଧ। ମା'ସୃଷ୍ଟିର ଆଦିସ୍ୱରୂପା ଓ ଆଦିଶକ୍ତି । ସୂର୍ଯ୍ୟମଣ୍ଡଳର ଅନ୍ତଃଲୋକରେ ମା'ଙ୍କ ନିବାସ। ମା'ଙ୍କ ପୂଜା କଲେ ଭକ୍ତର ସମସ୍ତ ରୋଗ ନାଶହୁଏ। ମା'ଙ୍କ କୃପାରୁ ଆୟୁ, ଯଶ, ବଳ ଓ ସ୍ୱାସ୍ଥ୍ୟ ବୃଦ୍ଧି ହୁଏ। ମା'ଙ୍କୁ ଅଷ୍ଟଭୁଜା କୁହାଯାଏ। ମା'ସାତଟି ଭୁଜରେ କମଣ୍ଡଳୁ, ଧନୁଷ, ବାଣ, କମଳ, ଅମୃତପୂର୍ଣ୍ଣ କଳସ ଚକ୍ର ଓ ଗଦା ଧାରଣ କରିଛନ୍ତି । ଅଷ୍ଟମହସ୍ତରେ ସମସ୍ତ ସିଦ୍ଧି ଓ ନିଧି ପ୍ରଦାନକାରୀ ଜପମାଳା ଧାରଣ କରିଛନ୍ତି। କୁଷ୍ମାଣ୍ଡା ଦେବୀ ଅଳ୍ପସେବା ଓ ଅଳ୍ପ ଭକ୍ତିରେ ସନ୍ତୁଷ୍ଟ ହୁଅନ୍ତି। ଦେବୀ କୁଷ୍ମାଣ୍ଡା ଅଷ୍ଟଭୁଜା। ସେ ତାଙ୍କର ସାତ ହାତରେ କମଣ୍ଡଳୁ, ଧନୁ, ବାଣ, ପଦ୍ମପୁଷ୍ପ, ଅମୃତ କଳସ, ଚକ୍ର ଓ ଗଦା ଧାରଣ କରନ୍ତି। ତାଙ୍କର ଅଷ୍ଟମ ହସ୍ତରେ ସିଦ୍ଧି ଓ ନିଧି ପ୍ରଦାନକାରୀ ଜପମାଳା ଶୋଭିତ। ତାଙ୍କର ବାହନ ସିଂହ। ତାହାଙ୍କୁ କୁଷ୍ମାଣ୍ଡ ବଳି ପ୍ରଦାନ କରାଯାଏ। ନବରାତ୍ରିର ଚତୁର୍ଥ ଦିନ ଏହି ଦେବୀଙ୍କୁ ଉପସନା କରିବା ସମୟରେ ସାଧକଙ୍କର ମନ ଅନାହତ ଚକ୍ରରେ ଅବସ୍ଥାନ କରେ। ତାଙ୍କର ଉପାସନା ଫଳରେ, ଆୟୁ, ଯଶ, ବଳ, ବୁଦ୍ଧି ଓ ଆରୋଗ୍ୟ ଲାଭ ହୁଏ।

ସ୍କନ୍ଦମାତା : ନବରାତ୍ରୀର ପଞ୍ଚମ ଦିନରେ ମା' ସ୍କନ୍ଦମାତାଙ୍କୁ ପୂଜା କରାଯାଏ। କୁମାର କାର୍ତ୍ତିକେୟ ହେଉଛନ୍ତି ସ୍କନ୍ଦ। ମା'ପାର୍ବତୀ କର୍ତ୍ତିକେୟଙ୍କ ମାତା ହୋଇଥିବାରୁ ତାଙ୍କୁ ସ୍କନ୍ଦମାତା ବୋଲି କୁହାଯାଏ । ସ୍କନ୍ଦ ବାଳକ ରୂପରେ ମା'ଙ୍କ କୋଳରେ ବସିଛନ୍ତି। ମାତୃସ୍ୱରୂପିଣୀ ଦେବୀଙ୍କର ଚାରିଭୁଜ। ସେ କମଳରେ ବିରାଜିତା, ତେଣୁ ମା'ଙ୍କୁ ପଦ୍ମାସନା ଦେବୀ ମଧ୍ୟ କୁହାଯାଏ। ମା'ଙ୍କ ବାହନ ସିଂହ। ଗୌରବର୍ଣ୍ଣା ମାତାଙ୍କର ତିନୋଟି ନୟନ। ସାଧକଙ୍କର ମନ ଏହି ଦିନ ବିଶୁଦ୍ଧ ଚକ୍ରରେ ଅବସ୍ଥାନ କରେ। ଏହି ଦେବୀ ଚତୁର୍ଭୁଜା। ସେ ଗୋଟିଏ ଉର୍ଦ୍ଧ୍ୱ ହସ୍ତରେ ଶିଶୁ ସ୍କନ୍ଦଙ୍କୁ ଧରିଥିବାବେଳେ ଉର୍ଦ୍ଧ୍ୱମୁଖୀ ଅନ୍ୟ ହସ୍ତରେ ପଦ୍ମପୁଷ୍ପ ଧାରଣ କରିଥାନ୍ତି। ତାଙ୍କର ଗୋଟିଏ ହସ୍ତ ନିମ୍ନମୁଖୀ ହୋଇ ଅଭୟ ମୁଦ୍ରାରେ ରହିଥାଏ ଏବଂ ଅନ୍ୟ ହସ୍ତଟି ଉର୍ଦ୍ଧ୍ୱମୁଖୀ ହୋଇ ପଦ୍ମପୁଷ୍ପ ଧାରଣ କରିଥାଏ। ତାଙ୍କର ଶରୀରର କାନ୍ତି ଶୁଭ୍ର ତାଙ୍କର ବାହାନ ସିଂହ। ପଞ୍ଚମ ଦିବସର ଉପାସ୍ୟ ଏହି ଦେବୀଙ୍କର ଉପାସନା କାଳର ସାଧକଙ୍କର ମନ ବିଶୁଦ୍ଧ ଚକ୍ରରେ ଅବସ୍ଥାନ କରେ। ସେ ନିଜ ସ୍ୱରୂପର ବିଶୁଦ୍ଧ ଚେତନା ଦିଗରେ ଅଗ୍ରସର ହୁଅନ୍ତି। ତାଙ୍କର ମନ ପରମ ଶାନ୍ତି ଓ ସୁଖ ଅନୁଭବ କରେ ଏବଂ ତାଙ୍କ ନିମନ୍ତେ ମୋକ୍ଷର ଦ୍ୱାରା ଉନ୍ମୁକ୍ତ ହୋଇଯାଏ।

ସିଦ୍ଧିଦାତ୍ରୀ : ମା'ଦୁର୍ଗାଙ୍କ ନବମ ଶକ୍ତି ହେଉଛନ୍ତି ସିଦ୍ଧି। ସେ ସିଦ୍ଧିଦାତ୍ରୀ। ମାର୍କଣ୍ଡେୟ ପୁରାଣ ଅନୁସାରେ ଅଣିମା, ମହିମା, ଗରିମା, ଲଘିମା, ପ୍ରାପ୍ତି, ପ୍ରକାମ୍ୟ, ଈଶିତ୍ୱ ଓ ବିଶିତ୍ୱ ହେଉଛନ୍ତି ଅଷ୍ଟସିଦ୍ଧି। ଦେବୀ ପୁରାଣ ଅନୁସାରେ, ଏମାନଙ୍କ କୃପାରୁ ମହାଦେବ ସିଦ୍ଧିପ୍ରାପ୍ତ କରିଥିଲେ ଏବଂ ଶିବଙ୍କ ଅଧା ଶରୀର ଦେବୀଙ୍କର ହୋଇଥିଲା। ଏହି କାରଣରୁ ସେ ଅର୍ଦ୍ଧନାରୀଶ୍ୱର ନାମରେ ପ୍ରସିଦ୍ଧ। ଚତୁର୍ଭୁଜା ସିଂହବାହିନୀ ମା' ସିଦ୍ଧିଦାତ୍ରୀ ପଦ୍ମଫୁଲ ଉପରେ ବିରାଜିଛନ୍ତି। ପ୍ରସନ୍ନବଦନା ମା'ଙ୍କ ଆରାଧନାରେ ଧର୍ମ, ଅର୍ଥ, କାମ, ମୋକ୍ଷ ଚତୁଃବର୍ଗ ଫଳପ୍ରାପ୍ତି ହୁଏ । ଭଗବତୀ ସିଦ୍ଧିଦାତ୍ରୀଙ୍କ ଧ୍ୟାନ, ସ୍ତୋତ୍ର ଓ କବଚ ପାଠ କଲେ ନିର୍ବାଣ ଚକ୍ର ଜାଗ୍ରତ ହୁଏ।

ଚନ୍ଦ୍ରଘଣ୍ଟା : ନବରାତ୍ରୀର ତୃତୀୟ ଦିନ ମା'ଦୁର୍ଗାଙ୍କ ତୃତୀୟ ଶକ୍ତି ଚନ୍ଦ୍ରଘଣ୍ଟାଙ୍କୁ ପୂଜା କରାଯାଏ।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ଖାଦ୍ୟ ଓ ସାମାଜିକ ସୁରକ୍ଷାରୁ ବଂଚିତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାଡ଼ିପାରିଲେ ନାହିଁ ବିଦ୍ୟାଳୟ ମାଟି

ଉଦଳା , ୧୬/୧୦ (ନି.ପ୍ର): କପ୍ତିପଦା ଉପଖଣ୍ଡର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ଦିବ୍ୟାଙ୍ଗ ଭାଇଭଉଣୀ ମାନଙ୍କର ଦୁଃଖ କହିଲେ ନସରେ । ଅଧିକାଂଶ ଭାଇ ଭଉଣୀ ଖାଦ୍ୟ ଓ ସାମାଜିକ ସୁରକ୍ଷାରୁ ବଂଚିତ ଥିବା ବେଳେ କେତେକ ଛାତ୍ର ଛାତ୍ରୀ ଏପର୍ଯ୍ୟନ୍ତ ବିଦ୍ୟାଳୟର ମାଟି ମାଡ଼ିନଥିବାର ଖବର ଆମର ହସ୍ତଗତ ହୋଇଛି । ଏଥିପାଇଁ ଦାୟିତ୍ୱରେ ଥିବା ସରକାରୀ ବାବୁ ମାନେ ଆଦୌ ତତ୍ପରତା ପ୍ରକାଶ କରୁନଥିବାର କଥା ସାଧାରଣରେ ଚର୍ଚ୍ଚା ହେଉଛି । ଖୁଂଟା ବ୍ଲକର ଗଡ଼ିଗାଁ ପଂଚାୟତ ଅନ୍ତର୍ଗତ ଗଡ଼ିଗାଁ ଗ୍ରାମର ବାସିନ୍ଦା ଖୁଟା ଟୁଡୁଙ୍କର କନ୍ୟା ଦୁର୍ଗାବତୀ ଟୁଡୁ ଜନ୍ମରୁ ଦିବ୍ୟାଙ୍ଗ ଅଟନ୍ତି । ତାଙ୍କର ଗୋଟିଏ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଗୋଟିଏ ହାତ ଓ ଗୋଟିଏ ଗୋଡ଼ ଅଚଳ ଅବସ୍ଥାରେ ରହିଛି । ବର୍ତମାନ ତାଙ୍କର ବୟସ ୧୨ ବର୍ଷ ଛୁଇଁଥିବା ବେଳେ ସେ ଖାଦ୍ୟ ଓ ସାମାଜିକ ସୁରକ୍ଷାରୁ ବଂଚିତ ଅଛନ୍ତି । ସେହିପରି ସେ ବିଦ୍ୟାଳୟର ମାଟି ମାଡ଼ିନଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଆଧାର ପାଇଁ ସେ ବାରମ୍ବାର ଫଟୋ ଉଠାଇଥିଲେ ମଧ କାର୍ଡ଼ କାହିଁକି ଆସୁନାହିଁ ତାହା ପରିବାର ଲୋକଙ୍କୁ ଜଣାନଥିବାର କଥା କହିଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବହୁବାର ଗୁହାରି ଜଣାଇଥିଲେ ମଧ କେହି ଶୁଣୁନଥିବାର ଅଭିଯୋଗ କରିଛନ୍ତି । ସେହିପରି ଉଦଳା ବ୍ଲକର ପାଟଶାଣିପୁର ପଂଚାୟତ ଅନ୍ତର୍ଗତ ଭାଲୁଘେରା ଗ୍ରାମର ବାସିନ୍ଦା ଦିଲିପ କୁମାର ସିଂଙ୍କର ପୁତ୍ର ରଶ୍ମିରଂଜନ ସିଂ ଜନ୍ମରୁ ମୁକ ଓ ବଧିର ଅଟନ୍ତି । ରଶ୍ମିରଂଜନଙ୍କୁ ବର୍ତମାନ ବୟସ ୧୬ ବର୍ଷ ଛୁଇଁଥିବା ବେଳେ ସେ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇପାରିନଥିବାର କଥା



ପରିବାରର ଲୋକେ ଜଣାଇଛନ୍ତି । ସେହିପରି ସେ ଏପର୍ଯ୍ୟନ୍ତ ବିଦ୍ୟାଳୟର ମାଟି ମାଡ଼ିନଥିବାର କଥା କହିଛନ୍ତି । ଅନେକ ସମୟରେ ପିଲାଙ୍କ ନାମ ବିଦ୍ୟାଳୟ ଖାତାରେ ଗଡ଼ିଚାଲିଥିଲେ ମଧ ଏକଥା ଅବିଭାବକ ଓ ପିଲା ଉଭୟଙ୍କୁ ଜଣାନଥାଏ । ସରକାରୀ ଫାଇଲ ଚାଷରେ ସବୁ ଠିକ୍ ଠାକ୍ ଚାଲିଛି ବୋଲି ଦର୍ଶାଯିବା ସହିତ ମଧାହ୍ନ ଭୋଜନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଗୁଡ଼ିକ ସରକାରୀ ବାବୁ ମାନେ ଚଲୁ କରିବାରେ ଲାଗିଥାନ୍ତି । ଏହା ସରକାରୀ ବିଦ୍ୟାଳୟ ମାନଙ୍କର ଏକ ନିତି ଦିନିଆ ଘଟଣା ବୋଲି ଅନେକ କହିଛନ୍ତି । ତେବେ ଦିବ୍ୟାଙ୍ଗ ଛାତ୍ର ରଶ୍ମିରଂଜନ ଓ ଛାତ୍ରୀ ଦୁର୍ଗାବତୀଙ୍କ କ୍ଷେତ୍ରରେ ବାସ୍ତବ ଚିତ୍ର କଣ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି କୁହାଯାଉଛି । ତାଛଡ଼ା ଆଦିବାସୀ ଭାଇ ଭଉଣୀ ମାନଙ୍କର ସବୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳା ଠାରେ ରହିଛି । ଦିବ୍ୟାଙ୍ଗ ଛାତ୍ର ରଶ୍ମିରଂଜନ ଓ ଛାତ୍ରୀ ଦୁର୍ଗାବତୀ ଉଭୟେ ଆଦିବାସୀ ହୋଇଥିବା ବେଳେ ଉକ୍ତ ପ୍ରକଳ୍ପ ତାଙ୍କୁ କୌଣସି ସହଯୋଗ ନକରି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ଏହିପରି ସମଗ୍ର କପ୍ତିପଦା ଉପଖଣ୍ଡର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ଦିବ୍ୟାଙ୍ଗ ଭାଇ ଭଉଣୀ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ରାଜ୍ୟ ସରକାର ଏହାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବହୁ ସ୍ୱେଚ୍ଛାସେବି ସଂଗଠନ ଅନୁରୋଧ ଜଣାଇଛନ୍ତି ।

# ବିକଶିତ ଭାରତ ସଂକଳ୍ପ ସଭା ଅନୁଷ୍ଠିତ

ଭଦ୍ରକ, ୧୬/୧୦ (ନି.ପ୍ର): ବିକଶିତ ଭାରତ ସଂକଳ୍ପ ସଭା ଅବସରରେ ସେବା ଜ୍ୟୋତି କଳସ ଯାତ୍ରା, ଜଳାଭିଷେକ ଓ ପାରମ୍ପରିକ ପାଲା ପରିବେଷଣ ସହିତ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ହିତାଧିକାରୀଙ୍କୁ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଆଜି ସହୀଦ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୪୫ ଜଣ ମହିଳା ସାଳନ୍ଦୀ ଘାଟରୁ କଳସ ଧରି ଲୋକନାଥ ମନ୍ଦିର ପର୍ଯ୍ୟନ୍ତ ଯାତ୍ରା କରିଥିଲେ । ମନ୍ଦିରରେ ବିଧିବଦ୍ଧ ଭାବେ ଜଳାଭିଷେକ କରାଯାଇଥିଲା । ପରେ ପାରମ୍ପରିକ ପାଲା ଓ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା । ଏଥିପାଇଁ ରାଜ୍ୟସ୍ତରରୁ ପାଲା କଳାକାରମାନେ ଯୋଗଦେଇ ନିଜର କଳା ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଭତ୍ତା, ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ଗୃହ ଏବଂ ରାସନ କାର୍ଡ ପ୍ରଦାନ କରାଯାଇଥିଲା । ଏହି ପଦକ୍ଷେପ ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ଯୋଜନାର ସୁବିଧା ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।ଏହି ସଭାରେ ଭଦ୍ରକ ସାଂସଦ ଶ୍ରୀ ଅଭିମନ୍ୟୁ ସେଠୀ, ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ସୀତାଂଶୁ ଶେଖର ମହାପାତ୍ର, ବିଜେପି ଜିଲ୍ଲା ସଭାପତି ଶ୍ରୀ ଭଗବାନ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସରୋଜ ଦତ୍ତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶୁଭେନ୍ଦ୍ର ସାମଲ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ରଶ୍ମିରଞ୍ଜନ ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ୮୦ ବର୍ଷରେ ପଦାର୍ପଣ କଲେ ନବୀନ ପଟ୍ଟନାୟକ : ବାସଭବନରେ ଶୁଭେଚ୍ଛୁଙ୍କ ଭିଡ଼

ଭୁବନେଶ୍ୱର, ୧୬/୧୦ (ନି.ପ୍ର): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ ଆଜି ୮୦ ବର୍ଷରେ ପହଞ୍ଚିଛନ୍ତି । ଏହି ଅବସରରେ ତାଙ୍କୁ ଶୁଭେଚ୍ଛା ଜଣାଇବାକୁ ସକାଳୁ ନବୀନ ନିବାସ ରେ ଭିଡ଼ ଲାଗି ରହିଥିଲା । ବିଜୁ ଜନତା ଦଳ ର ସାଂସଦ , ବିଧାୟକଙ୍କ ସମେତ ବିଜୁ ଜନତା ଦଳ ର ନେତା ଓ କର୍ମୀ ମାନଙ୍କ ସମେତ ବିଭିନ୍ନ ବର୍ଗ ର ଜନସାଧାରଣ ନବୀନ ପଟ୍ଟନାୟକ ଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ । ସନ୍ଧ୍ୟା ରେ ଛାତ୍ର ସଂସଦ ନିର୍ବାଚନ ଜିତିଥିବା ବିଭିନ୍ନ କଲେଜ ର ଛାତ୍ର ଛାତ୍ରୀ ମାନେ ନବୀନ ପଟ୍ଟନାୟକ ଙ୍କୁ ଭେଟି ଜନ୍ମ ଦିନର ଶୁଭେଚ୍ଛା ଜଣାଇଥିଲେ । ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ ବିଜୟୀ ଛାତ୍ର ଛାତ୍ରୀ ମାନଙ୍କୁ ରିୟଲ ଜେନ୍ ଜି ଭାବରେ ସମ୍ବୋଧିତ କରି ଭଲ କାମ ଜାରି ରଖିବାକୁ ଆଶୀର୍ବାଦ କରିଥିଲେ ।

## ମହାଦେବ ସରାଇ ଗାଁରେ ଚୋରି : ଅଭିଯୁକ୍ତଙ୍କୁ ଗିରଫ ଦାବି

ବସ୍ତା, ୧୬/୧୦ (ନି.ପ୍ର): ବସ୍ତା ଥାନା ମହାଦେବ ସରାଇ ଗାଁରେ ବାରମ୍ବାର ଚୋରି ହେବା ଘଟଣା ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି । ଗତକାଲି ବିଳମ୍ବିତ ରାତିରେ ଏହି ଗାଁର ଧୃତି ସୁନ୍ଦର ପଣ୍ଡାଙ୍କ ଘରର ବାହାର ଏସି ଆଉଟ ଡୋର ୟୁନିଟକୁ କେହି ଖୁଲୁଥିବା ଶବ୍ଦ ଶୁଣି ଝରକା ଖୋଲି ଦେବାରୁ ଜଣେ ପ୍ରାୟ ୨୦ରୁ ୨୫ ବର୍ଷର ଚୋର ଡେଇଁ ପଳାଉଥିଲା । ତତକ୍ଷଣାତ ଯାଇ ପଡୋଶୀ ଶରତ ପରିଡାଙ୍କ ଘରକୁ ଯାଇ ଡାକ ପକାଇବାରୁ ସେ ଉଠି ଦେଖନ୍ତି ତ ତାଙ୍କ ଏସି ଆଉଟ ଡୋର ୟୁନିଟ ଟି ଚୋରି ହୋଇ ଯାଇଛି । ଏଥି ପୂର୍ବରୁ ତ୍ରାହି ଅଚ୍ୟୁତ ଆଶ୍ରମରୁ ପାଣି ମୋଟର ଚୋରି ହୋଇଥିଲା । ତେଣୁ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି ହେବା ସହ ପୁଲିସ ପାଟ୍ରୋଲିଙ୍ଗ କଡା କଡ଼ି କରାଯିବାକୁ ଦୃଢ଼ ମତ ପ୍ରକାଶ ପାଇଛି ।

# କୋଠିଆ ରାଇମଣୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ସୁରଭି ମହୋତ୍ସବ ଅନୁଷ୍ଠିତ

## ଛାତ୍ର ଛାତ୍ରୀମାନଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ହେବାର ଉତ୍ତମ ମାଧ୍ୟମ ହେଉଛି ସୁରଭି କାର୍ଯ୍ୟକ୍ରମ: ବିଧାୟିକା ସୁବାସିନୀ




ବସ୍ତା, ୧୬/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ମୁକୁଳିସି ପଞ୍ଚାୟତ ଅନ୍ତର୍ଗତ କୋଠିଆ ରାଇମଣୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଶିଶୁ ସୁରଭି ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉଦ୍ଘାଟନୀ ଉତ୍ସବରେ ବସ୍ତା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଯଜ୍ଞେଶ୍ୱର ଜେନା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ବସ୍ତା ବିଧାୟିକା ସୁବାସିନୀ ଜେନା ଉପସ୍ଥିତ ହୋଇ ଛାତ୍ର ଛାତ୍ରୀମାନଙ୍କ ର ଲୁକାୟିତ ପ୍ରତିଭାର ପରିପ୍ରକାଶ ହେବାର ଉତ୍ତମ ମାଧ୍ୟମ ହେଉଛି ଏହି ସୁରଭି କାର୍ଯ୍ୟକ୍ରମ ର ମୂଳ ଉଦ୍ଦେଶ ବୋଲି କହିଥିଲେ । ମୁଖ୍ୟ ବକ୍ତା ବସ୍ତା ବ୍ଲକ ପଞ୍ଚାୟତ ଅଧକ୍ଷା ଅନଞ୍ଜଳି ଦାସ ଉପସ୍ଥିତ ହୋଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ,ସମ୍ମାନିତ ଅତିଥି ମୁକୁଳିସି ସରପଞ୍ଚ ଅମିତ କୁମାର ବିଶ୍ୱାଳ ,ଏମ ପି ପ୍ରତିନିଧି ପ୍ରଦୀପ୍ତ କୁମାର ପଣ୍ଡା, ପ୍ରଧାନ ଶିକ୍ଷୟତ୍ରୀ ସୋନାଲୀ ଜେନା,ସ୍କୁଲ ପରିଚାଳନା କମିଟିର ଅଧକ୍ଷ ନବ କୁମାର ପ୍ରଧାନ, ବସ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମିହିର କୁମାର ଦାସ, ରୁହୟା ଟୁଡୁ,ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ବାସନ୍ତୀ ପୃଷ୍ଟି, ସିଆରସିସି ପ୍ରଦୀପ କୁମାର ପ୍ରଧାନ, ବ୍ଲକ ବିଜ୍ଞାନ ସଂଯୋଜକ ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ହୋଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିପରି ଉଦଯାପନୀ ଉତ୍ସବରେ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଜେନା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ବସ୍ତା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଯଜ୍ଞେଶ୍ୱର ଜେନା ଉପସ୍ଥିତ ହୋଇ ଛାତ୍ର ଛାତ୍ରୀମାନଙ୍କ ର ଭବିଷ୍ୟତ ଗଠନ ହେବାରେ ସୁରଭି କାର୍ଯ୍ୟକ୍ରମ ସହାଏ ହୁଏ ବୋଲି କହିଥିଲେ,ମୁଖ୍ୟ ବକ୍ତା ଭାବେ ମୁକୁଳିସି ପଞ୍ଚାୟତ ସରପଞ୍ଚ ଅମିତ କୁମାର ବିଶ୍ୱାଳ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ ,ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ।

# ବାରିପଦାରେ ଛାତ୍ର ସଂସଦ ନିର୍ବାଚନ : ବାଜି ମାରିଲା ବିସିଜେଡି ଏବଂ ସ୍ୱାଧୀନ ପ୍ରାର୍ଥୀ ଏମଏସସିବି ବିଶ୍ୱ ବିଦ୍ୟାଳୟ ସମ୍ପାଦକ ପଦରେ ଏବିଭିପିର ବିଜୟ ଅଟନମାସରେ ସ୍ୱାଧୀନ ପ୍ରାର୍ଥୀଙ୍କ କମାଲ

ବାରିପଦା, ୧୬/୧୦ (ନି.ପ୍ର): ଦୀର୍ଘ ବର୍ଷର ବ୍ୟବଧାନ ପରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଆଜି ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ସନ୍ଧ୍ୟାରେ ଫଳା ଫଳ ପ୍ରକାଶ ପାଇଛି । ଜିଲ୍ଲାରେ ବିଶ୍ୱ ବିଦ୍ୟାଳୟକୁ ମିଶାଇ ମୋଟ ୨୩ଟି କଲେଜରେ ଛାତ୍ର ସଂସଦ ନିର୍ବାଚନ ହୋଇଥିଲା ବେଳେ ବାରିପଦା ସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ (ଏମଏସସିବି) ବିଶ୍ୱବିଦ୍ୟାଳୟ, ମହାରାଜା ପୂର୍ଣ୍ଣଚନ୍ଦ୍ର (ଏମପିସି) ସ୍ୱୟଂଶାସିତ



ମହାବିଦ୍ୟାଳୟ, ବାରିପଦା ଡିଗ୍ରୀ କଲେଜ ଏବଂ ସରକାରୀ ମହିଳା ମହାବିଦ୍ୟାଳୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ତେବେ ମିଳିଥିବା ଫଳାଫଳ ଅନୁଯାୟୀ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ (ଏମଏସସିବି) ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦର ସଭାପତି ଭାବେ ବିସିଜେଡି ସମର୍ଥିତ ପ୍ରାର୍ଥୀ ସନ୍ଦୀପ୍ତା ଦାସ, ସମ୍ପାଦକ ଭାବେ ଏବିଭିପି ସମର୍ଥିତ ପ୍ରାର୍ଥୀ ଅରଶ୍ମିତା ଭୂୟାଁ ବିଜୟ ଲାଭ କରିଛନ୍ତି । ସେହିପରି ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ସଭାପତି ଭାବରେ ସ୍ୱାଧୀନ ପ୍ରାର୍ଥୀ ଅଞ୍ଜନ ସୋରେନ, ସମ୍ପାଦକ ଭବରେ ସ୍ୱାଧୀନ ପ୍ରାର୍ଥୀ ପ୍ରଭାସ କୁମାର ମାରାଣ୍ଡି ବିଜୟ ଲାଭ କରିଛନ୍ତି । ବାରିପଦା ଡିଗ୍ରୀ କଲେଜରେ ସଭାପତି ଭାବରେ ବିସିଜେଡି ସମର୍ଥିତ ପ୍ରାର୍ଥୀ ଆଜାଜ ଆଲ୍ଲୀ ଏବଂ ସମ୍ପାଦକ ଭାବରେ ବିସିଜେଡି ସମର୍ଥିତ ପାର୍ଥିଶୁଭମ କର୍ମକାର ବିଜୟ ଲାଭ କରିଥିବା ବେଳେ ସରକାରୀ ମହିଳା ମହାବିଦ୍ୟାଳୟରେ ସଭାପତି ଭାବରେ ବିସିଜେଡି ସମର୍ଥିତ ପ୍ରାର୍ଥୀ ପାର୍ବତୀ ମୁଣ୍ଡା ଲୋହାର, ଏବଂ ସମ୍ପାଦିକା ଭାବରେ ସବିତା ଗଣ୍ଡୁଆର ବିଜୟୀ ହୋଇଥିବାର ଜଣାଯାଇଛି । ତେବେ ବାରିପଦାରେ ଚଳିତ ଛାତ୍ର ସଂସଦ ନିର୍ବାଚନରେ ବାରିପଦାରେ ବିସିଜେଡି ନିଜର ପତିଆରା ଜାହିର ରଖିଥିବା ବେଳେ, ଏମପିସି ଅଟନମାସ କଲେଜରେ ସ୍ୱାଧୀନ ପ୍ରାର୍ଥୀ ମାନେ ନିଜର ଦବଦବା ଜାହିର କରିଛନ୍ତି । କେବଳ ବିଶ୍ୱ ବିଦ୍ୟାଳୟ ସମ୍ପାଦକ ପଦରେ ଏବିଭିପି ବିଜୟ ଲାଭ କରିଛି ।

## ନବଦୁର୍ଗା ପୂଜା...

(ପୃଷ୍ଠା ୬ର ଅବଶିଷ୍ଟାଂଶ)

ମା'ଙ୍କ ଏହି ସ୍ୱରୂପ ଶାନ୍ତିଦାୟକ ଏବଂ କଲ୍ୟାଣକାରୀ। ମା'ଙ୍କ ମଥାରେ ଘଣ୍ଟା ଅକୃତିର ଅର୍ଦ୍ଧଚନ୍ଦ୍ର ରହିଛି ।

କାଳରାତ୍ରୀ : ମା'ଙ୍କ ନବଶକ୍ତିର ସପ୍ତମ ସ୍ୱରୂପ ହେଉଛନ୍ତି ମା' କାଳରାତ୍ରୀ। ଭଗବତୀ ଦୁର୍ଗାଙ୍କର ସବୁଠାରୁ ଭୟଙ୍କର ଓ ହିଂସାତ୍ମକ ରୂପ ହେଉଛନ୍ତି ଦେବୀ କାଳରାତ୍ରୀ। କିନ୍ତୁ ମା' ସର୍ବଦା ଶୁଭ ଫଳଦାୟିନୀ। ଶରୀର ରଙ୍ଗ ଘନକଳା। ମୁକ୍ତଶୋ ମା'ଙ୍କ ଗଳରେ ବିଦ୍ୟୁତ୍ ଭଳି ଚମକୁଥାଏ ମାଳା । ମା'ଙ୍କର ତିନିଟି ନେତ୍ର, ଯାହା ବ୍ରହ୍ମାଣ୍ଡ ଭଳି ଗୋଲ। ଶ୍ୱାସ, ନିଃଶ୍ୱାସରୁ ଭୟଙ୍କର ଅଗ୍ନିଜ୍ୱାଳା ନିର୍ଗତ ହେଉଥାଏ। ମା'ଙ୍କ ବାହନ ଗର୍ଧ। ଉର୍ଦ୍ଧ୍ୱକୁ ଥିବା ମା'ଙ୍କର ଡାହାଣହସ୍ତ ବରଦ ମୁଦ୍ରାରେ ଭକ୍ତଜନଙ୍କୁ ବରଦାନ କରେ ଓ ନିମ୍ନହସ୍ତ ଅଭୟମୁଦ୍ରାରେ ରହିଛି। ବାମ ଉର୍ଦ୍ଧ୍ୱହସ୍ତ ଲୁହାକଣ୍ଟା ଓ ନିମ୍ନହସ୍ତରେ ମା'ଖଡ୍‌ଗ ଧାରଣ କରିଛନ୍ତି। ସଂସାରର ଦୁଃଶକ୍ତି ଦମନ ପାଇଁ ମା'ଙ୍କର ଏହି କରାଳ ରୂପ। ତାହାଙ୍କର ପୂଜା କଲେ ଭକ୍ତ ଓ ସାଧକ ସିଦ୍ଧିର ଅଧିକାରୀ ହୁଅନ୍ତି। ସଂସାରର କିଛି ବି ତାଙ୍କ ପାଇଁ ଅଗମ୍ୟ ହୋଇ ରହେନାହିଁ। ସେ ବ୍ରହ୍ମାଣ୍ଡ ବିଜୟର କ୍ଷମତା ଲାଭ କରନ୍ତି। ଏହିପରି ଭାବରେ ନବରାତ୍ରିରେ ନବଦୁର୍ଗାଙ୍କର ଉପାସନା ଭକ୍ତ ଓ ସାଧକଙ୍କୁ କୃତାର୍ଥ କରିଥାଏ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ କଟକ,
ମୋ : ୯୯୩୭୧୭୨୮୧୦

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଛାତ୍ର ସଂସଦ ନିର୍ବାଚନ...

ଚର୍ଚ୍ଚାରେ ରହି ଆସୁଥିବା ଯାଜପୁର ଜିଲ୍ଲାରେ ବିସିଜେଡି ବଡ଼ କଲେଜରେ ବିଜୟ ହାସଲ କରିଛି, କେବଳ ଧର୍ମଶାଳା ମହାବିଦ୍ୟାଳୟରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ଏବିଭିପି ପ୍ରାର୍ଥୀ। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝର ଜିଲ୍ଲାରେ ବିଜୟ ବାନା ଉଡ଼ାଇଛି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ। ସମ୍ବଲପୁର ଓ ସୁନ୍ଦଗଡ଼ ସମେତ ପଶ୍ଚିମଓଡ଼ିଶାର ଅଧିକାଂଶ କଲେଜରେ ଏବିଭିପି ଦବଦବା ଦେଖାଇଛି। ସେପଟେ ବାଲେଶ୍ୱରର ବିଭିନ୍ନ କଲେଜରେ ଆଗରେ ବିସିଜେଡି ରହିଥିବା ବେଳେ ପଛରେ ପଡ଼ିଛି ଏଭିବିପି। କାଁ ଭାଁ ସ୍ଥାନରେ ମୁଣ୍ଡ ଟେକିଛି ଏନ୍‌ଏସ୍‌ୟୁଆଇ, ଯାହା କଂଗ୍ରେସର ଆତ୍ମସମୀକ୍ଷା କରିବାକୁ ବାଧ କରିବ।

## କୋଟିଆରେ ଆନ୍ଧ୍ରର ...

କୋଟିଆରେ ପଶି ଜନଗଣନା ତଥ୍ୟ ସଂଗ୍ରହ କରିଥିଲେ ଏବଂ ପୋଲିସ ଚେକପୋଷ୍ଟ ବସାଇବାକୁ ନେଇ ଓଡ଼ିଶା ପୋଲିସ ଓ ପ୍ରଶାସନ ସହ ମୁହାଁମୁହିଁ ହୋଇଥିଲେ। ଦୁଇ ରାଜ୍ୟ ସୀମା ବିବାଦ ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଅଛି। କୋର୍ଟ 'ଯଥାସ୍ଥିତି' ବଜାୟ ରଖିବାକୁ ପୂର୍ବରୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଆନ୍ଧ୍ରର ଏକପାଖିଆ ନିଷ୍ପତ୍ତି କୋର୍ଟର ଅବମାନନା ବୋଲି କୁହାଯାଉଛି। ଓଡ଼ିଶା ସରକାର ଏହାକୁ ରୋକିବା ପାଇଁ ଆଇନଗତ ପଦକ୍ଷେପ ନେବା ସହ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି।

## ଦିଲ୍ଲୀରେ ତ୍ରିରଙ୍ଗା ପ୍ରଦର୍ଶନ...

ଏହି ଆନ୍ଦୋଳନ ସହ ଜଡ଼ିତ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନ୍‌ର ଜାତୀୟ ସଭାପତି ନେହା ବୋରା ମଧ ପ୍ରତିବାଦରେ ସାମିଲ ହୋଇଛନ୍ତି । ପୂର୍ବରୁ ଅକ୍ଟୋବର ୧୧ରେ ଦିଲ୍ଲୀରେ ଆନ୍ଦୋଳନ ସମୟରେ ତାଙ୍କୁ ଅଟକ ରଖାଯାଇଥିଲା। ଆଜି ନେହା ମଣ୍ଡି ହାଉସ୍ ଅଞ୍ଚଳରେ ପ୍ରତିବାଦ କରୁଥିବା ବେଳେ ତାଙ୍କୁ ଅଟକ ରଖାଯାଇଥିବା ରିପୋର୍ଟରୁ ପ୍ରକାଶ । ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସିଜେପି, ବାମପନ୍ଥୀ ଛାତ୍ର ସଂଗଠନ ଓ ଅନ୍ୟ କିଛି ଗୋଷ୍ଠୀ ପ୍ରତିବାଦ କରୁଛନ୍ତି। ଭୋଟର ତାଲିକାର ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଆନ୍ଦୋଳନକାରୀଙ୍କ ଅଭିଯୋଗ। ତେବେ ନିର୍ବାଚନ ଆୟୋଗ ପକ୍ଷପାତ କରିଥିବା ଅଭିଯୋଗକୁ ଅସ୍ୱୀକାର କରିଛି ଏବଂ ଭୁଲ୍‌ରେ ନାମ ବାଦ୍ ପଡ଼ିଥିଲେ ପୁନଃ ପଞ୍ଜୀକରଣ କରିବାକୁ କହିଛି। ପ୍ରତିବାଦକୁ ଦୃଷ୍ଟିରେ ରଖି ନୂଆଦିଲ୍ଲୀ ମ୍ୟୁନିସିପାଲ୍ କାଉନ୍‌ସିଲ୍ ଅକ୍ଟୋବର ୧୬ ଓ ୧୭ ତାରିଖରେ ସେଣ୍ଟ୍ରାଲ୍ ପାର୍କକୁ ସାଧାରଣ ଲୋକଙ୍କ ପାଇଁ ବନ୍ଦ ରଖିଛି। କନୋଟ୍ ପ୍ଲେସ୍ ଓ ଏହାର ଆଖପାଖ ଅଞ୍ଚଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଅନୁଯାୟୀ ନିଷେଧାଦେଶ ଲାଗୁ ହୋଇଥିବା ରିପୋର୍ଟ ହୋଇଛି। ଟ୍ରାଫିକ୍ ଉପରେ ମଧ ପ୍ରଭାବ ପଡ଼ିବା ଆଶଙ୍କାରେ ଯାତ୍ରୀଙ୍କୁ ଯାତ୍ରା ପୂର୍ବରୁ ଯୋଜନା କରିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ପାଲିକା ବଜାର ଓ କନୋଟ୍ ପ୍ଲେସ୍ ଅଞ୍ଚଳରେ ପୁଲିସ ମୁତୟନ ବଢ଼ାଯାଇଛି। ପ୍ରତିବାଦକାରୀଙ୍କୁ ଘଟଣାସ୍ଥଳରୁ ହଟାଇବା ପାଇଁ ପୁଲିସ ପଦକ୍ଷେପ ନେଇଥିବା ବେଳେ ତ୍ରିରଙ୍ଗା ଯାତ୍ରାକୁ ନେଇ ରାଜନୈତିକ ତର୍କବିତର୍କ ଜାରି ରହିଛି।

# ବେତଡା ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ବାସୁଦେବପୁର, ୧୬/୧୦ (ନି.ପ୍ର): ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ ବେତଡା ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ ବିଷ୍ଣୁ ବିନ୍ଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାଳତୀଲତା ବାରିକ୍ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉର୍ମିଳା କର, ତପନ କୁମାର ଦ୍ୱିବେଦୀ,ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବରଣ୍ଡୁଆ ପଞ୍ଚାୟତ ସରପଞ୍ଚ ଗ୍ରୈନ୍ଦ ଚନ୍ଦ୍ର ମଲ୍ଲିକ,ନରସିଂହପୁର ପଞ୍ଚାୟତ ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ସି ଆର ସି ସି ପ୍ରଶାନ୍ତ କୁମାର ମଲ୍ଲିକ, ନରସିଂହପୁର ଉ ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ପଣ୍ଡା,ସ୍କୁଲ ପରିଚାଳନା



କମିଟି ସଭାପତି ଭକ୍ତ ବନ୍ଧୁ ବୋଷ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ ଓ ଛାତ୍ର ଛାତ୍ରୀ ମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ଶିକ୍ଷକ ଶ୍ରୀକାନ୍ତ ପାକଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସି ଆର ସି ସି ପ୍ରଶାନ୍ତ କୁମାର ମଲ୍ଲିକ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବକୁ ପରିଚାଳନା କରିବାରେ ଶିକ୍ଷକ ରମେଶ ଚନ୍ଦ୍ର ପୋଇ, ଦେବେନ୍ଦ୍ର ବାରିକ୍, ସୁରେଶ ଚନ୍ଦ୍ର ମିଶ୍ର,ଦିବାକର ବେଜ, ଦେବାଶିଷ ଘୋଷ, ଉମାକାନ୍ତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଏହି ଉତ୍ସବରେ ଛାତ୍ର ଛାତ୍ରୀ ମାନେ ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ, ହସ୍ତାକ୍ଷର,ବକ୍ତୃତା, ତର୍କ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

# କରଞ୍ଜଆଡିଆ ଉଚ୍ଚ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ବାସୁଦେବପୁର, ୧୬/୧୦ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ମଲ୍ଲିକା ଦେଇପୁର ଆଞ୍ଚଳିକ ସାଧନ କେନ୍ଦ୍ର ପକ୍ଷରୁ କରଞ୍ଜଆଡିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦାମ ବେହେରା ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ପୂର୍ବତନ ପ୍ରଧାନ ଶିକ୍ଷକ ଗଦାଧର ଦାସ, ଅବସର ପ୍ରାପ୍ତ ଶିକ୍ଷକ ତଥା ସରପଞ୍ଚ ମାର୍କଣ୍ଡ ଚରଣ ତରାଇ, ପୂର୍ବତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୀୟ କୁମାର ମହାଲିକ, ସି ଆର ସି ସି ଲଳିତ କୁମାର ରାୟ, ପୂର୍ବତନ ପ୍ରଧାନ ଶିକ୍ଷକ ସନାତନ ବେହେରା, ସ୍କୁଲ ପରିଚାଳନା କମିଟି ସଭାପତି ସତ୍ୟଭାମା ପ୍ରଧାନ, ଆଲୁମୁନି କମିଟି ସଭାପତି ସୁଶାନ୍ତ କୁମାର ବାରିକ୍ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷା ସାହିତ୍ୟ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଉତ୍ସବରେ ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ,ବକ୍ତୃତା,ତର୍କ,ହସ୍ତାକ୍ଷର ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା। ଏହି ଉତ୍ସବରେ ଶିକ୍ଷୟତ୍ରୀ ପ୍ରତିମା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ବରିଷ୍ଠ ଶିକ୍ଷକ ପାର୍ଥ ସାରଥୀ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ମଞ୍ଚ ପରିଚାଳନା କରିଥିଲେ ଶିକ୍ଷୟତ୍ରୀ ସ୍ମୃତି ସ୍ମରଣିକା ମହାନ୍ତି ଓ ସ୍ୱର୍ଣ୍ଣ ପ୍ରଭା ସାହୁ। ଏହି ଉତ୍ସବରେ ବେଦ ପାଠ କରିଥିଲେ ମିତାଲି ମଧୁସ୍ମିତା ନାୟକ ଓ ଅପର୍ଣ୍ଣା ସେଠୀ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ସୁମିତା ଜେନା, ସ୍ୱୟଂଶିଖା ଭୋଇ,ସୁଭଦ୍ରା ସିଂ, ସଞ୍ଜୀବ କୁମାର ବାରିକ୍, ପରମାନନ୍ଦ ମଲିକ୍, ସୁବ୍ରତ ମହାରଣା, ସରୋଜ ସେଠୀ, ଶମ୍ଭୁନାଥ ସ୍ୱାଇଁ, ଶଙ୍କର୍ଷଣ ପ୍ରଧାନ ପ୍ରମୁଖ ଏହି ଉତ୍ସବକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

ଧ୍ୱନି ପ୍ରତିଧ୍ୱନି



# ନିଶାମୁକ୍ତ ଭାରତ ଅଭିଯାନ ଓ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୧୬/୧୦ (ନି.ପ୍ର): ଛାତ୍ରଛାତ୍ରୀଙ୍କୁ ନିଶା ସେବନର କୁପରିଣାମ ସମ୍ପର୍କରେ ସଚେତନ କରିବା ସହ ଏକ ସୁସ୍ଥ ଓ ନିଶାମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ ଏବଂ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।ଏହି କ୍ରମରେ ଭଣ୍ଡାରିପୋଖରୀ ବ୍ଲକର ଥାଇଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବନ୍ତ ବ୍ଲକର ହାସିନପୁର ଉଚ୍ଚପ୍ରାଥମି କଙ୍ଖ ବିଦ୍ୟାଳୟରେ ନିଶାମୁକ୍ତ ବିଦ୍ୟାଳୟ ଓ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ସମ୍ପର୍କିତ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ତମାଖୁ ତଥା ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନର ଶାରୀରିକ, ମାନସିକ ଓ ସାମାଜିକ କୁପ୍ରଭାବ ବିଷୟରେ ସଚେତନ କରାଯାଇଥିଲା। ସେହିପରି ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ (ଘଗଈଇ) ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇ ଛାତ୍ରଛାତ୍ରୀଙ୍କୁ ନିଶାଠାରୁ ଦୂରେଇ ରହିବା, ସୁସ୍ଥ ଜୀବନଶୈଳୀ ଆପଣାଇବା ଏବଂ ନିଜ ପରିବାର ଓ ସମାଜ ମଧ୍ୟରେ ନିଶାମୁକ୍ତିର ବାର୍ତ୍ତା ପ୍ରଚାର କରିବାକୁ ଉତ୍ସାହିତ କରାଯାଇଥିଲା।ବିଦ୍ୟାଳୟ ସ୍ତରରୁ ନିଶା ବିରୋଧୀ ସଚେତନତା ସୃଷ୍ଟି କରିବା ଏବଂ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନର ପରିବେଶ ଗଠନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏଭଳି ପଦକ୍ଷେପ ଯୁବପିଢ଼ିଙ୍କୁ ନିଶାର କୁପ୍ରଭାବରୁ ଦୂରେଇ ରଖିବା ସହ ଏକ ସୁସ୍ଥ, ସଚେତନ ଓ ନିଶାମୁକ୍ତ ଭାରତ ଗଠନରେ ନିଶ୍ଚିତ ଭାବେ ସହାୟକ ହେବ।

# ସଦର ବିଜେଡି ପକ୍ଷରୁ ନବୀନ ପଟ୍ଟନାୟକଙ୍କ ୮୦ ତମ ଜନ୍ମଦିନ ପାଳିତ



ବାଲେଶ୍ୱର, ୧୬/୧୦ (ନି.ପ୍ର): ବାଲେଶ୍ୱର ସଦର ବିଜେଡି ପକ୍ଷରୁ ରାଣୀପାଟଣା ସ୍ଥିତ ଦୃଷ୍ଟିହୀନ ବାଧିତ ନିମନ୍ତେ ବିଦ୍ୟାଳୟରେ ଦଳର ସୁପ୍ରିମୋ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଅବସରରେ ଛେନାପୋଡ଼ କଟାଯିବା ସହ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା । ଏଥିସହ ଶ୍ରୀ ପଟ୍ଟନାୟକଙ୍କ ଜନ ହିତକର ଯୋଜନା ଓ କାର୍ଯ୍ୟକଳାପ ବାବଦରେ ଆଲୋଚନା ହୋଇଥିବା ବେଳେ କୁନା କୁନି ପିଲାମାନେ ଶ୍ରୀ ପଟ୍ଟନାୟକଙ୍କ ଉପରେ ଆଧାରିତ ଏକ ସଂଗୀତ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ଓ ସ୍ୱରୂପ କୁମାର ଦାସଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବା ବେଳେ ବହୁ ବରିଷ୍ଠ ନେତୃତ୍ୱ ସାମିଲ ହୋଇଥିଲେ । ପୌର ଉପାଧ୍ୟକ୍ଷ କୈଳାଶ ଚନ୍ଦ୍ର ସେଠି, ଜିଲ୍ଲା ଉପସଭାପତି ରଞ୍ଜନ ବାଗ, ବିଜେଡି ଟାଉନ ସଭାପତି ମନୋଜ କୁମାର ରାଉତ, ଜିଲ୍ଲା ମହିଳା କାର୍ଯ୍ୟକାରୀ ସଭାପତି ମୀନା ମହାନ୍ତି, ଯୁବ କାର୍ଯ୍ୟକାରୀ ସଭାପତି ଭାରତ ଭୂଷଣ ଦାସ, କାଉନସିଲର ସେକ ଆୟୁବ, କାର୍ତ୍ତିକ ସାହୁ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ମୀତା ପଟ୍ଟନାୟକ, ସନ୍ଧ୍ୟାରାଣୀ ଜେନା, ସବିତା ଦାସ, କବିତା ମୁର୍ମୁ, ପୂର୍ବତନ କାଉନସିଲରଙ୍କ ମଧ୍ୟରେ ବିଶ୍ୱଜିତ ମହାପାତ୍ର, ସେକ ସାକୀର, ଟାଉନ ଉପସଭାପତି ରମେଶ ମାଝୀ ଓ ଅତୁଲ ଶତପଥୀ, ଟାଉନ ସମ୍ପାଦକ ନଳିନୀ ଦାସ, ଯୁବ ନେତା ସେକ ଅନସର ଅଲ୍ଲୀ, ଭବାନୀ ପଣ୍ଡା, ଦେବାଶିଷ ଦାସ, ସୋନିଆ ମୁର୍ମୁ, ମିଥୁନ ଦାସ, କିଶୋର ରାଉତ, ଅଶ୍ୱିନୀ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପାଳନ କରିଥିଲେ।

# ପିସିପୁର କ୍ଲଷ୍ଟରସ୍ତରୀୟ ସୁରଭି ଅନୁଷ୍ଠିତ



ବାରିପଦା , ୧୬/୧୦ (ନି.ପ୍ର): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ପି ସି ପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ୧୫ନଂ ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ଓ ସି ଆର ସି ସି ଧନଞ୍ଜୟ ସାହୁଙ୍କ ନେତୃତ୍ୱରେ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଅନୁଜା ମାଧୁରୀ ଦାସ ଉଦଘାଟନ କରିବା ସହ ସୁରଭି କାର୍ଯ୍ୟକ୍ରମ ଶିଶୁ ମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳୀର ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ପ୍ରକାଶ କରିଥିଲେ ଓ ସମ୍ମାନିତ ଅତିଥି ଭାବେ କମଳାନେହେରୁ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମି ଦେବୀ ସାୟାନ ଓ ରାଖାଲଗୋପ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତିମା ରାଣୀ ଦାଶ ଉପସ୍ଥିତ ଥିଲେ ଓ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁକୁମାର ରାଉତ ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସୋମନାଥ ସିଂହ ଓ ଏଲ ଆଇ ସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ ଓ ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ଅନ୍ତର୍ଗତ ୫ଟି ପ୍ରାଥମିକ, ୫ଟି ଉଚ୍ଚ ପ୍ରାଥମିକ, ୨ଟି ଉଚ୍ଚ ବିଦ୍ୟାଳୟର ପ୍ରାୟ ୨୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ଓ ବିଭିନ୍ନ ବିଦ୍ୟାଳୟରୁ ୧ମ ସ୍ଥାନ ଅଧିକାର କରି ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ, ସଂଗୀତ, ହସ୍ତାକ୍ଷର, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, କୁଇଜ, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ଜୁନିୟର ଓ ସିନିୟର ବିଭାଗର ବିଭିନ୍ନ ପ୍ରତିଯୋଗିତାରେ ୧ମ ସ୍ଥାନ ଅଧିକାର କରିଥିବା ୨୫ ଜଣ ଓ ଦଳଗତ ନୃତ୍ୟରେ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧ମ ସ୍ଥାନ ଅଧିକାର କରି ବ୍ଲକସ୍ତରୀୟ ସୁରଭିକୁ ମନୋନୀତ ହୋଇଛନ୍ତି ଓ ଶିକ୍ଷକ ଗଣେଶ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଶିଳ୍ପ ମନ୍ତ୍ରୀଙ୍କୁ ଭେଟିଲେ ହିମାଚଳ ପ୍ରଦେଶର ଯୁବ ପ୍ରତିନିଧି

ଭୁବନେଶ୍ୱର, ୧୬/୧୦ (ନି.ପ୍ର): 'ଏକ ଭାରତ ଶ୍ରେଷ୍ଠ ଭାରତ' କାର୍ଯ୍ୟକ୍ରମର 'ଯୁବ ସଙ୍ଗମ' ପର୍ଯ୍ୟାୟ-୭ ଅଧୀନରେ ଅକ୍ଟୋବର ୧୩ ରୁ ୧୮ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସିଥିବା ହିମାଚଳ ପ୍ରଦେଶର ୫୦ଜଣିଆ ଛାତ୍ରଛାତ୍ରୀ ପ୍ରତିନିଧି ଦଳ ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରି ମାନ୍ୟବର ମନ୍ତ୍ରୀ କହିଛନ୍ତି ଯେ, 'ଯୁବ ସଙ୍ଗମ' କାର୍ଯ୍ୟକ୍ରମ ଯୁବବର୍ଗଙ୍କୁ ନିଜର ପରିଚିତ ପରିବେଶରୁ ବାହାରକୁ ଆସି ଭାରତର ବିବିଧତାକୁ ପ୍ରତ୍ୟକ୍ଷ ଭାବେ ଅନୁଭବ କରିବା, ଭାବର ଆଦାନପ୍ରଦାନ କରିବା ଏବଂ ବିଭିନ୍ନ ରାଜ୍ୟ ମଧ୍ୟରେ ସୁସମ୍ପର୍କ ଗଢ଼ିତୋଳିବା ପାଇଁ ଏକ ଅନନ୍ୟ ସୁଯୋଗ ଯୋଗାଇଦେଉଛି। ଏଭଳି କାର୍ଯ୍ୟକ୍ରମର ପ୍ରକୃତ ମୂଲ୍ୟ କେବଳ ନୂଆ ଜାଗା ବୁଲିବାରେ ନାହିଁ, ବରଂ ଲୋକମାନଙ୍କୁ ଭେଟିବା, ସେମାନଙ୍କର ଭିନ୍ନ ଦୃଷ୍ଟିକୋଣକୁ ବୁଝିବା ଏବଂ ବିଭିନ୍ନ ସଂସ୍କୃତି ଓ ଅଂଚଳର ଲୋକଙ୍କ ସହ ମିଶି କାମ କରିବା ପାଇଁ ଆବଶ୍ୟକ ମାନସିକତା ଓ ଆପଣେଇବାର ଦକ୍ଷତା ହାସଲ କରିବାରେ ରହିଛି। ବିଭିନ୍ନ ରାଜ୍ୟର ଯୁବବର୍ଗଙ୍କ ମଧ୍ୟରେ ଏହିଭଳି ଆଲୋଚନା ଓ ମିଳାମିଶା ପାରସ୍ପରିକ ବୁଝାମଣାକୁ ମଜବୁତ କରେ ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ସ୍ୱପ୍ନକୁ ବାସ୍ତବ ରୂପ ଦିଏ। କାର୍ଯ୍ୟକ୍ଷେତ୍ର ଓ ଚାକିରି ଦୁନିଆରେ ଦ୍ରୁତ ପରିବର୍ତ୍ତନ ବିଷୟରେ ମନ୍ତ୍ରୀ କହିଥିଲେ ଯେ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ , ଆଡଭାନ୍ସଡ୍ ମ୍ୟାନୁଫାକ୍ଚରିଂ, କ୍ଲିନ୍ ଏନର୍ଜି ଏବଂ ଡିଜିଟାଲ୍ ଟେକ୍ନୋଲୋଜି ଯୁବବର୍ଗଙ୍କ ପାଇଁ ନୂଆ ନୂଆ ସୁଯୋଗ ସୃଷ୍ଟି କରୁଛି। ତେଣୁ ଏଭଳି ପରିବର୍ତ୍ତିତ ପରିବେଶରେ ଭବିଷ୍ୟତରେ ସଫଳ ହେବା ପାଇଁ ନୂଆ କଥା ଶିଖିବା, ନିଜକୁ ବଦଳାଇବା ଏବଂ ନୂତନ ଇନୋଭେସନ୍ କରିବାର ଦକ୍ଷତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ।

# ଖୋର୍ଦ୍ଧାରେ ୪୨ କେଜି ଗଞ୍ଜେଇ ଜବତ: ୩ ଅଭିଯୁକ୍ତ ଗିରଫ



ଖୋର୍ଦ୍ଧା, ୧୬/୧୦ (ନି.ପ୍ର): ଖୋର୍ଦ୍ଧା ଟାଉନ୍ ନିକଟସ୍ଥ ତରତୁଆ ଆଇଟିବିପି କ୍ୟାମ୍ପ ନିକଟରେ ଚଢ଼ାଉ କରି ୪୨ କେଜି ଗଞ୍ଜେଇ ଜବତ କରିଛି ଖୋର୍ଦ୍ଧା ମଡେଲ୍ ଥାନା ପୁଲିସ। ଖୋର୍ଦ୍ଧା ଏସ୍‌ପିଙ୍କ ନିର୍ଦ୍ଦେଶ ଓ ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ପୁଲିସ ଟିମ୍ ଏହି ଚଢ଼ାଉ କରିଥିଲା। ଘଟଣାରେ ଫୁଲବାଣୀ, କନ୍ଧମାଳ ଓ ଜଗତସିଂହପୁର ଜିଲ୍ଲାର ୩ ଜଣଙ୍କୁ ଅଟକ ରଖିବା ସହ ଗିରଫ କରାଯାଇଛି। ପୁଲିସ ୪୨ କେଜି ଗଞ୍ଜେଇ ସହ ଗୋଟିଏ ହୁଣ୍ଡାଇ ଭେନ୍ୟୁ କାର, ଗୋଟିଏ ବିଦ୍ୟୁତ୍‌ଚାଳିତ ସ୍କୁଟି, ୩ଟି ମୋବାଇଲ୍ ଫୋନ୍ ଏବଂ ୧୫ ହଜାର ଟଙ୍କା ନଗଦ ଜବତ କରିଛି। ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ମାମଲା ରୁଜୁ କରି ଖୋର୍ଦ୍ଧା ମଡେଲ୍ ଥାନା ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

# କୁପାରୀ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଗଣ୍ଡଗୋଳ

## ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା: ୩ ଆହତ, ୨ ଅସୁସ୍ଥ



ଖଇରା, ୧୬/୧୦ (ନି.ପ୍ର): ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ ହରେକୃଷ୍ଣ ମହତାବ କଲେଜରେ ଛାତ୍ର ସଂସଦ ପ୍ରାର୍ଥୀ ଚୟନ ଓ ଜଣେ ଛାତ୍ରୀଙ୍କୁ ଟଣାଓଟରା କରିବାକୁ ନେଇ କଲେଜ ପରିବେଶ ଅଶାନ୍ତ ହୋଇ ପଡିଛି। ଉତ୍ତ୍ୟକ୍ତ ଛାତ୍ରଛାତ୍ରୀ ମାନେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ରେ ପଶି ଭଙ୍ଗାରୁଜା କରିବା ରେ ତାଙ୍କୁ ଟଣାଓଟରା କରାଯାଇଥିବା ଅଭିଯୋଗ ହୋଇଛି । ଖଇରା ତହସିଲଦାର ଅନୁପ କୁମାର ବେହେରା ଓ ଆଇଆଇସି ପ୍ରଶାନ୍ତ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା ଉଦ୍ୟମ କରି ବିଫଳ ହେବା ପରେ ଅଧ୍ୟକ୍ଷ ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ କଲେଜକୁ ଛୁଟି ଘୋଷଣା କରିଥିଲେ । ଏଭଳି ଘଟଣା କୁ ନେଇ ଖଇରା ପୋଲିସ ଦ୍ୱାରା ତଦନ୍ତ ଜାରି ରହିଛି। ୮ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ଲାଗି ସରକାରଙ୍କ ବିଜ୍ଞପ୍ତି ପରେ କୁପାରୀ କଲେଜର ଛାତ୍ରଛାତ୍ରୀ ମାନେ ଉତ୍ସାହିତ ହୋଇଥିଲେ । ହେଲେ କର୍ତ୍ତୃପକ୍ଷ ନିର୍ବାଚନ କରିବା ପରିବର୍ତ୍ତେ ପ୍ରାର୍ଥୀ ଚୟନ ପାଇଁ ନିଷ୍ପତ୍ତି ନେଇଥିଲେ । ହେଲେ ଅଧ୍ୟକ୍ଷ ସହମତି ରେ ଚୟନ କରିବା କଥା କହି ଗୋଟିଏ ଗୋଷ୍ଠୀର ପିଲାଙ୍କୁ ଅଣଦେଖା କରିବା କୁ ନେଇ ବିରୋଧାଭାସ ଆରମ୍ଭ ହୋଇଥିଲା । ପ୍ରଥମେ ଶତାଧିକ ଛାତ୍ରୀଛାତ୍ର ଗୁରୁବାର ଧାରଣା ରେ ବସିବା ପରେ ମଧ୍ୟ ବିବାଦ ର ସମାଧାନ ହୋଇ ପାରିନଥିଲା। ଜଣେ ଛାତ୍ରୀ ଘରକୁ ଫେରିବା ସମୟରେ ଅନ୍ୟ ଏକ ଗୋଷ୍ଠୀର ଜଣେ ଛାତ୍ର ଦୁର୍ବ୍ୟବହାର କରିଥିଲେ । ପୁନଶ୍ଚ ଶୁକ୍ରବାର କଲେଜ ଆରମ୍ଭ ହେବା ମାତ୍ରେ ଛାତ୍ରୀଛାତ୍ର ମାନେ ଅଧ୍ୟକ୍ଷଙ୍କ ନାମରେ କୌଣସି ଅଭିଯୋଗ ଶୁଣୁନଥିବା ପ୍ରତିବାଦ ରେ ସ୍ଲୋଗାନ ଦେବା ର କିଛି ସମୟ ପରେ ହଠାତ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟକୁ ଧସେଇ ପଶି ଭଙ୍ଗାରୁଜା କରିବା ସହ ଅଧ୍ୟକ୍ଷଙ୍କୁ ଟଣାଓଟରା କରିଥିଲେ । ୩ଜଣ ଛାତ୍ର ଅସୁସ୍ଥ ଓ ୨ଜଣ ଛାତ୍ରୀ ଆହତ ହେବା ପରେ ଚିକିତ୍ସାପାଇଁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରାଯାଇଛି। ଜଣକୁ ଭଦ୍ରକ ସ୍ଥାନାନ୍ତର କରାଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ତହସିଲଦାର ଓ ଆଇଆଇସିଙ୍କ ପରାମର୍ଶ କ୍ରମେ ଅଧ୍ୟକ୍ଷ ଛୁଟି ଘୋଷଣା କରିଛନ୍ତି । ତଥାପି ପିଲାମାନେ କଲେଜ ପରିସରରେ ପାଟିତୁଣ୍ଡ ଜାରି ରଖିବା ପରେ ଏକ ପ୍ଲାଟୁନ ଫୋର୍ସ ମୂତୟନ କରାଯାଇଥିଲା । ଏ ସମ୍ପର୍କରେ ଅଧ୍ୟକ୍ଷଙ୍କ ପ୍ରତିକ୍ରିୟା ନେବାରେ ଆଗ୍ରହୀ ଛାତ୍ରୀଛାତ୍ରଙ୍କ ତାଲିକା ମଗାଇଥିଲେ । ସରକାର ଗାଇଡ ଲାଇନ ଆସିବା ପରେ ଗାଇଡଲାଇନ ଅନୁଯାୟୀ ଆଗ୍ରହୀ ଛାତ୍ରୀଛାତ୍ରଙ୍କୁ ନାମ ବିଭିନ୍ନ ପଦବୀ ପାଇଁ ସୁପାରିଶ କରାଯାଇଥାନ୍ତା । ହେଲେ ଗୋଟିଏ ଗୋଷ୍ଠୀର ପିଲାଙ୍କ ଅଭିଯୋଗ ଭିତ୍ତିହିନ ବୋଲି କହିଛନ୍ତି।






# ବରୁଣସିଂ ଶ୍ରୀ ଜଗନ୍ନାଥ ଏଜୁକେସନାଲ୍ ଫାଉଣ୍ଡେସନ ଏବଂ ରେମୁଣା କଲେଜରେ ଛାତ୍ର ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କଲେ ରେମୁଣା ବିଧାୟକ




ବରୁଣସିଂ, ୧୬/୧୦ (ନି.ପ୍ର): ବରୁଣସିଂ ସ୍ଥିତ ଶ୍ରୀ ଜଗନ୍ନାଥ ଏଜୁକେସନାଲ୍ ଫାଉଣ୍ଡେସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ରେମୁଣା କଲେଜରେ ଚୟନିତ ଛାତ୍ର ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ରେମୁଣା ବିଧାୟକ ଛାତ୍ର ପ୍ରତିନିଧିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ନିଷ୍ଠା, ଦାୟିତ୍ୱବୋଧ ଓ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ। ଛାତ୍ରଛାତ୍ରୀଙ୍କ ସମସ୍ୟା, ଅଧିକାର ଓ ସ୍ୱରକୁ ଉପଯୁକ୍ତ ମଞ୍ଚରେ ଉପସ୍ଥାପନ କରିବା ସହ ବିଦ୍ୟାଳୟର ସର୍ବାଙ୍ଗୀଣ ଉନ୍ନତି ଦିଗରେ ଛାତ୍ର ପ୍ରତିନିଧିମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବା ଆବଶ୍ୟକ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଶିକ୍ଷାର ଗୁଣବତ୍ତା ବୃଦ୍ଧି, ଶୃଙ୍ଖଳା ରକ୍ଷା ଓ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଛାତ୍ର ପ୍ରତିନିଧିମାନେ ଗଠନମୂଳକ ପଦକ୍ଷେପ ନେବା ସହ ସମସ୍ତ ଛାତ୍ରଛାତ୍ରୀଙ୍କ ଆଶା ଓ ଆକାଂକ୍ଷାକୁ ପ୍ରାଥମିକତା ଦେବା ଉଚିତ ବୋଲି ସେ କହିଥିଲେ। ଛାତ୍ରଶକ୍ତି ଦେଶର ଭବିଷ୍ୟତ ହୋଇଥିବା ବେଳେ ଯୁବ ନେତୃତ୍ୱ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାର ମୁଖ୍ୟ ଆଧାର ବୋଲି ବିଧାୟକ ଉଲ୍ଲେଖ କରିଥିଲେ। ନୂତନ ଭାବେ ଚୟନିତ ସମସ୍ତ ଛାତ୍ର ପ୍ରତିନିଧିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସେମାନଙ୍କ ନେତୃତ୍ୱରେ ଶିକ୍ଷାନୁଷ୍ଠାନ ଉନ୍ନତିର ନୂତନ ଶିଖରରେ ପହଞ୍ଚିବ ବୋଲି ଆଶା ପ୍ରକାଶ କରିଥିଲେ।

# ଓଡ଼ିଶା ସେବା ପ୍ରଥମ ନବ ସୃଜନ ସଚେତନତା ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାରିପଦା, ୧୬/୧୦ (ନି.ପ୍ର): ଏହି କାର୍ଯ୍ୟକ୍ରମଟି ଜିଲ୍ଲା ଶିଳ୍ପ କେନ୍ଦ୍ର , ଷ୍ଟାର୍ଟଅପ୍ ଓଡ଼ିଶା ଏବଂ ଜିଲ୍ଲା ପ୍ରଶାସନ ମିଳିତ ପ୍ରୟାସରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ 'ଓଡ଼ିଶା ସେବା ପ୍ରଥମ ନବ ସୃଜନ ସଚେତନତା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାପାଳ ତଥା ଜିଲ୍ଲାମାଜିଷ୍ଟ୍ରେଟ୍‌ଶ୍ରୀ ହେମକାନ୍ତ ସାଏମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକଶ୍ରୀ ଦିନେଶ ଶଙ୍କର ହୋତାସମସ୍ତ ଅତିଥି ଓ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଭାଗ୍ୟଲକ୍ଷ୍ମୀ ରାଉତ, ଉପ-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଓରମାସ, ନିରଞ୍ଜନ ପଣ୍ଡା, ଡି.ପି.ସି. ମିଶନ ଶକ୍ତି, ମଧୁସ୍ମିତା ଭୂୟାଁ, ପି.ଏମ୍. ଲାଇଭ୍‌ହୁଡ୍, କାନ୍ଦନ ମାଝୀ, ଟି.ଟି.ଆଇ. ଅଧକ୍ଷ, ତକତପୁର, ନିରୋଜ କୁମାର ପଣ୍ଡା, ମୟୂରଭଞ୍ଜ ଚାୟର୍ ଅଫ୍ କମର୍ସର ସଭାପତି ଏବଂ ସୌମ୍ୟରୁପ ଦାସ, ମୟୂରଭଞ୍ଜ ଜିଲ୍ଲା ଶିଳ୍ପ ସଂଗଠନର ସମ୍ପାଦକ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଆଲୋଚନା ଓ ଅତିଥିଙ୍କ ବକ୍ତବ୍ୟ:କାର୍ଯ୍ୟକ୍ରମର ମୁଖ୍ୟ ଆଲୋଚ୍ୟ ବିଷୟ ମୟୂରଭଞ୍ଜ ଜିଲ୍ଲା ପାଇଁ 'ଓଡ଼ିଶା ସେବା ଫାଷ୍ଟ ଇନୋଭେସନ୍ ଚ୍ୟାଲେଞ୍ଜ' ଉପରେ ପର୍ଯ୍ୟବସିତ ଥିଲା।ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ସାଏ ଉପସ୍ଥିତ ଯୁବବର୍ଗଙ୍କୁ ସମ୍ବୋଧିତ କରି ମୟୂରଭଞ୍ଜ ଜିଲ୍ଲାରେ ଯୁବ ନବସୃଜନ ଏବଂ ନୂତନ ଷ୍ଟାର୍ଟଅପ୍ ସୃଷ୍ଟି କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଭବିଷ୍ୟତର ଆହ୍ୱାନ ମୁକାବିଲାରେ କାର୍ଯ୍ୟକ୍ରମର ଉପାଦେୟତା: ଆଗାମୀ ଦିନରେ ସରକାରୀ ସେବା ପ୍ରଦାନ ଏବଂ ସାମାଜିକ-ଆର୍ଥିକ ବିକାଶ କ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ଜଟିଳ ଆହ୍ୱାନଗୁଡ଼ିକୁ ସମାଧାନ କରିବାରେ ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ସହାୟକ ହେବ। ସ୍ଥାନୀୟ ଯୁବପିଢ଼ିଙ୍କ ମୌଳିକ ଚିନ୍ତାଧାରା ଓ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ସମାଜର ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ବାହାର କରାଯାଇପାରିବ, ଯାହାକି ଜିଲ୍ଲାର ପ୍ରଗତିକୁ ଆହୁରିତ୍ୱରାନ୍ୱିତ କରିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସମସ୍ତ ସହାୟକ ଶିଳ୍ପ ଅଧିକାରୀମାନେ ଉପସ୍ଥିତରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida